୬ ଆଇପିଏଲ ୨୦୨୫ : ଉଦ୍‌ଘାଟନୀ ମ୍ୟାଚ୍‌ରେ କୋଲକାତାକୁ ୭ ୱିକେଟ୍‌ରେ ହରାଇଲା ବେଙ୍ଗାଲୁରୁ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା ୮ ପୃଷ୍ଠା 8 Pages, ₹ 2.00

● ବର୍ଷ-୩୨ ● ସଂଖ୍ୟା-୫୪ ● ୨୩ ମାର୍ଚ୍ଚ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-54 ● 23rd March 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ରାଜ୍ୟରେ ତାଣ୍ଡବ ରଚିଲା କାଳବୈଶାଖୀ : ଭାଙ୍ଗିଲା ଘରଦ୍ୱାର, ବଜ୍ରପାତ ନେଲା ୨ ଜୀବନ

**ବାରିପଦା/କେନ୍ଦୁଝର/ଭୁବନେଶ୍ୱର, ୨୨।୩**
**ନ୍ୟୁଜ୍ ବ୍ୟୁରୋ**



- ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ
- ଉଡ଼ାଇ ନେଲା ଛପର, ଭାଙ୍ଗିଲା ବିଦ୍ୟୁତ ଖୁଣ୍ଟ
- ୨ ଦିନ ପାଇଁ ଶିମିଳିପାଳ ବନ୍ଦ

ଶୁକ୍ରବାର ରାତିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସାମ୍ନାକୁ ଆସିଛି କାଳବୈଶାଖୀର ତାଣ୍ଡବ ଚିତ୍ର । ଉତ୍ତର ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ସାଙ୍ଗକୁ କୁଆପଥର ବୃଷ୍ଟି ହୋଇଛି। କେଉଁଠି ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି ତ ଆଉ କେଉଁଠି ବିଦ୍ୟୁତ ଖୁଣ୍ଟ ଭାଙ୍ଗିଛି । ପୁଣି କେଉଁଠି ଗଛ ପଡ଼ି ଲାଇନ କଟି ଯାଇଛି। ଅନେକ ସ୍ଥାନରେ ଲୋକଙ୍କ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ମୟୂରଭଞ୍ଜରେ ଦୁଇଦିନ ଧରି ତାଣ୍ଡବ ରଚିଛି କାଳବୈଶାଖୀ। ଏହାର ପ୍ରଭାବରେ ଜିଲ୍ଲାର ବାଙ୍ଗରିପୋଷୀ, ବିଶୋଇ, କୁଳିଅଣା, ସାରସକଣା, କରଞ୍ଜିଆ ବ୍ଲକର ଲୋକେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି । ୩୫୦ଟି ମାଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ୨୯୫ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ରିଲିଫ କେନ୍ଦ୍ର ଖୋଲାଯାଇଛି। ଘରଭାଙ୍ଗି ଯାଇଥିବା ଲୋକମାନଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି । ଆହତ ଲୋକଙ୍କ ଚିକିତ୍ସା ପାଇଁ ୫ଟି ମେଡିକାଲ ଟିମ ମଧ୍ୟ ନିୟୋଜିତ କରାଯାଇଛି। ୪୭ଟି ଗାଁର ୪୭୭୫ ଲୋକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ସେହିପରି ଶନିବାର ବାଲେଶ୍ୱରରେ ତାଣ୍ଡବ ରଚିଛି କାଳବୈଶାଖୀ । ଜିଲ୍ଲାର ବସ୍ତା, ଜଳେଶ୍ୱର, ନୀଳଗିରି, ସୋରରେ ବର୍ଷା ହୋଇଛି । କିଛି ସ୍ଥାନରେ ପ୍ରବଳ ପବନ ସାଙ୍ଗକୁ କୁଆପଥର ବୃଷ୍ଟି ଦେଖିବାକୁ ମିଳିଛି। ଗୋଟେ ପଟେ ଗରମରୁ ଆଶ୍ୱସ୍ତି ମିଳିଥିଲେ ବି ବିଦ୍ୟୁତ ସେବା ବିଚ୍ଛିନ୍ନ ହୋଇଥିବାରୁ ଅନ୍ଧାରରେ ଅଛନ୍ତି ଲୋକେ । ସେପଟେ କେନ୍ଦୁଝରର ଯୋଡ଼ା, ଚମ୍ପୁଆ ଅଞ୍ଚଳରେ ମଧ୍ୟ ଘଡ଼ଘଡ଼ି ସହ ବର୍ଷା ହୋଇଛି । କୁଆପଥର ମାଡ଼ ଯୋଗୁଁ ଅନେକ ଅଞ୍ଚଳରେ ଚାଷ ପ୍ରଭାବିତ ହୋଇଛି ଯାହାକୁ ନେଇ ଚିନ୍ତାରେ ଅଛନ୍ତି ଚାଷୀ।

ଖାଲି ଏତିକି ନୁହେଁ ଝଡ ବର୍ଷା ସାଙ୍ଗକୁ ବଜ୍ରପାତ ମଧ୍ୟ ଲୋକଙ୍କ ଜୀବନ ନେଇଛି। ସ୍କୁଟି ନେଇଯାଉଥିବାବେଳେ ମୋବାଇଲରେ କଥା ହେଉଥିଲେ, ବଜ୍ରପାତ ଘଟିବାରୁ ଚାଲିଗଲା ଜୀବନ। ବାଲେଶ୍ୱର ସୋର ଗଣ୍ଡିବେଡ଼-ଔପଦା ରାସ୍ତାର ଚକ୍ରଧରପୁର ଛକ ନିକଟରୁ ଏଭଳି (ପୃଷ୍ଠା ୭ରେ)

## କ୍ଷୟକ୍ଷତିର ଅନୁଧ୍ୟାନ ପାଇଁ ରାଜସ୍ୱମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ଆଜି



**ଭୁବନେଶ୍ୱର, ୨୨।୩**
**ନ୍ୟୁଜ୍ ବ୍ୟୁରୋ**

କାଳବୈଶାଖୀ ପ୍ରଭାବରେ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିଶେଷକରି ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଥିବାର ଜଣାପଡିଛି। ସେଥିପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରବିବାର ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିବା ଜଣାପଡିଛି। ଏହି ଗସ୍ତ ସମୟରେ ରାଜସ୍ୱ ମନ୍ତ୍ରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି କାଳବୈଶାଖୀ କ୍ଷୟକ୍ଷତିର ସ୍ଥିତି ସମୀକ୍ଷା କରିବେ । କାଳବୈଶାଖୀ ବର୍ଷାରେ ଜିଲ୍ଲାର ବାଙ୍ଗରିପୋଷୀ, ବିଶୋଇ, କୁଳିଅଣା, ସାରସକଣା ଓ କରଞ୍ଜିଆ ବ୍ଲକର ମୋଟ ୧୯ଟି ଗ୍ରାମପଞ୍ଚାୟତର (ପୃଷ୍ଠା ୭ରେ)

## ହିନ୍ଦୀ ସାହିତ୍ୟିକ ବିନୋଦ କୁମାର ଶୁକ୍ଳା ପାଇବେ ଜ୍ଞାନପୀଠ ପୁରସ୍କାର

**ନୂଆଦିଲ୍ଲୀ, ୨୨।୩**



ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ବିନୋଦ କୁମାର ଶୁକ୍ଲାଙ୍କୁ ଭାରତର ସର୍ବୋଚ୍ଚ ସାହିତ୍ୟ ସମ୍ମାନ ୫୯ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ ଲାଗି ମନୋନୀତ କରାଯାଇଛି । ଏହି ପୁରସ୍କାର ପାଇବାରେ ସେ ଛତିଶଗଡ଼ର ପ୍ରଥମ ହିନ୍ଦୀ ସାହିତ୍ୟିକ ହେବେ। ଏହି ଭାଷାର ଅନ୍ୟତମ ଶ୍ରେଷ୍ଠ ସମସାମୟିକ ସାହିତ୍ୟିକ ଭାବେ ବିବେଚିତ ୮୮ ବର୍ଷୀୟ କ୍ଷୁଦ୍ରଗଳ୍ପ ସାହିତ୍ୟିକ, କବି ଓ ପ୍ରବନ୍ଧକାର ହେଉଛନ୍ତି ଦ୍ୱାଦଶ ହିନ୍ଦୀ ସାହିତ୍ୟିକ ଯିଏ ଏହି ପୁରସ୍କାର ପାଇବେ। ଏହି ପୁରସ୍କାର ସହିତ ନଗଦ ୧୧ ଲକ୍ଷ ଟଙ୍କା, ଦେବୀ ସରସ୍ୱତୀଙ୍କ ଏକ କାଂସ୍ୟ ମୂର୍ତ୍ତି ଏବଂ ଏକ ପ୍ରଶଂସାପତ୍ର ପ୍ରଦାନ କରାଯିବ।

ବିଶିଷ୍ଟ କାହାଣୀକାର ତଥା ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜ୍ଞାନପୀଠ ଚୟନ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବିନୋଦ କୁମାର ଶୁକ୍ଲା ଛତିଶଗଡ଼ ରାଜ୍ୟର ପ୍ରଥମ ହିନ୍ଦୀ ସାହିତ୍ୟିକ ଭାବେ ଏହି ପୁରସ୍କାରରେ ସମ୍ମାନିତ ହେବେ। ହିନ୍ଦୀ ସାହିତ୍ୟ, ସୃଜନଶୀଳତା ଓ ସ୍ୱତନ୍ତ୍ର ଲେଖା ଶୈଳୀରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି।

ବୈଠକରେ ଚୟନ କମିଟିର ଅନ୍ୟ ସଦସ୍ୟ ମାଧବ କୌଶିକ, ଦାମୋଦର ମୌଜୋ, ପ୍ରଭା ବର୍ମା, ଅନାମିକା, ଏ କ୍ରିଷ୍ଣା ରାଓ, ପ୍ରଫୁଲ୍ଲ ଶିଲେଦାର, (ପୃଷ୍ଠା ୭ରେ)

## ୨୦୨୬-୨୭ରୁ ନୂଆ ସିଲାବସ୍: ମନ୍ତ୍ରୀ

**ଭୁବନେଶ୍ୱର, ୨୨।୩**
**ନ୍ୟୁଜ୍ ବ୍ୟୁରୋ**



୨୦୨୬-୨୭ରୁ ନୂଆ ସିଲାବସ ଲାଗୁ ହେବ। ଏ ନେଇ ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ କହିଛନ୍ତି ୨୦୨୬-୨୭ ଶିକ୍ଷାବର୍ଷରେ ନୂଆ ସିଲାବସ ଲାଗୁ ହେବ। ଏନଇପି ଲାଗୁ ପରେ ସିଲାବସ ପରିବର୍ତ୍ତନ ପାଇଁ କମିଟି ଗଠନ ହୋଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ସିଲାବସ ବଦଳିବ। ଭାଷା, ସଂସ୍କୃତି ଏବଂ ଐତିହ୍ୟକୁ ଆଧାର କରି ନୂଆ ସିଲାବସ ଆସିବ। କମିଟି ତର୍ଜମା କରୁଛି , ରାଜ୍ୟ ପାଇଁ ଯାହା ଠିକ ହେବ ତାହା ସିଲାବସ୍‌ରେ ସ୍ଥାନ ପାଇବ।

## ସାହିତ୍ୟ ଭାରତୀ ସମ୍ମାନ ପାଇବେ ଶୈଳଜ ରବି



**ଭୁବନେଶ୍ୱର, ୨୨।୩**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷର ସମ୍ମାନ ଜନକ ସାହିତ୍ୟ ଭାରତୀ ସମ୍ମାନ ପାଇବେ ବିଶିଷ୍ଟ ସାହିତ୍ୟିକ ଶୈଳଜ ରବି । ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଗଙ୍ଗାଧର ରଥ ଫାଉଣ୍ଡେସନ ପକ୍ଷରୁ ଏହି ଘୋଷଣା କରାଯାଇଛି । ପୁରସ୍କାର ସ୍ୱରୂପ ୧ ଲକ୍ଷ ଟଙ୍କାର ଉପାୟନ ଓ କୋଣାର୍କ ମନ୍ଦିରର ଏକ ରୌପ୍ୟ ପ୍ରତିରୂପ ପ୍ରଦାନ କରାଯିବ।

ସେହିପରି ବିଶିଷ୍ଟ ଡାକ୍ତର ଫାଲଗୁନୀ ରାୟଙ୍କୁ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ। ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ରଙ୍କୁ ଭାନୁଜୀ ରାଓ ସ୍ମାରକୀ ପୁରସ୍କାର ଏବଂ କଥାକାର ସଂଯୁକ୍ତା ମହାନ୍ତିଙ୍କୁ ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ। (ପୃଷ୍ଠା ୭ରେ)

### ବିଶ୍ୱ ଜଳ ଦିବସ ସମାରୋହ ୨୦୨୫

## ଛତିଶଗଡ ସହ ମହାନଦୀ ଜଳ ବିବାଦର ଆପୋଷ ସମାଧାନ ହେବ

**ଭୁବନେଶ୍ୱର, ୨୨।୩**
**ନ୍ୟୁଜ୍ ବ୍ୟୁରୋ**



ଜଳ ସଂରକ୍ଷଣ, ଜଳ ପରିଚାଳନାରେ ସରକାରଙ୍କର ସବୁଠାରୁ ବଡ ଭୂମିକା ରହିଛି। କିନ୍ତୁ ଏଥିରେ ବ୍ୟକ୍ତିଗତସ୍ତରରେ ତଥା ଗୋଷ୍ଠୀଗତ ସ୍ତରରେ ସମସ୍ତେ ନିଜ ନିଜ ଯୋଗଦାନ ରଖିବା ନିତାନ୍ତ ଆବଶ୍ୟକ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ଜଳ ଦିବସ ଅବସରରେ ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟର ଠାରେ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ସମାରୋହରେ ଯୋଗ ଦେଇ କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ରାଜ୍ୟ ସହିତ ଥିବା ଜଳ ବିବାଦ ବିଷୟରେ ଆଲୋକପାତ କରି କହିଥିଲେ ଯେ, ଓଡିଶା ସହିତ ଜଳକୁ ନେଇ ଯେଉଁଠି ବିବାଦ ଅଛି ତାକୁ ଆମେ ଗୁରୁତର ସହ ନେଇଛୁ । ତାର ତ୍ୱରିତ ସମାଧାନ କରାଯିବ । ମହାନଦୀକୁ ନେଇ ଛତିଶଗଡ଼ ସହ ବିବାଦ ଚାଲିଛି । ଶନିବାର ଲୋକସେବା ଭବନରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଅବସରରେ ଏହି ବିଷୟରେ ଆଲୋଚନା ହୋଇଥିଲା। ଯେହେତୁ କେନ୍ଦ୍ର, ଛତିଶଗଡ଼ ଓ ଓଡିଶାରେ ଟ୍ରିପଲ-ଇଂଜିନ ସରକାର ଚାଲିଛି, ତେଣୁ ଏ ବିବାଦର ଆପୋଷ ସମାଧାନ ହେବ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ ଯେ, ଜଳ ବିନା ଜୀବନ ସୃଷ୍ଟି ହେବା ଅସମ୍ଭବ। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବ୍ୟବହାର ଯୋଗ୍ୟ ଜଳର ଉପଲବ୍ଧତା ନେଇ ବିଶ୍ୱ ପାଣିପାଗ ସଂଘ ଆଶଙ୍କା ପ୍ରକାଶ କରିଛି। ଗତ ୨୦ ବର୍ଷ ଧରି, ମାଟିର ଆର୍ଦ୍ରତା ଏବଂ ଗ୍ଲାସିଆରରେ ଗଚ୍ଛିତ ଜଳର ପରିମାଣ କ୍ରମାଗତ ଭାବେ (ପୃଷ୍ଠା ୭ରେ)

## ବାଲି ଖାଦାନ ପରିଚାଳନା ନେଇ ଏସ୍‌ଓପି ଜାରି

**ଭୁବନେଶ୍ୱର, ୨୨।୩**
**ନ୍ୟୁଜ୍ ବ୍ୟୁରୋ**



ରାଜ୍ୟରେ ବାଲି ଚୋରି ଏବଂ ଚୋରା ଚାଲାଣକୁ ରୋକିବା ଲାଗି ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଲଘୁ ଖଣିଜ ନିର୍ଦ୍ଦେଶାଳୟ ପକ୍ଷରୁ ବାଲି ଚୋରା ଚାଲାଣ ରୋକିବା ପାଇଁ ଏସ୍‌ଓପି ଜାରି କରାଯାଇଛି। ବାଲି ଖାଦାନ ପରିଚାଳନା ନିମନ୍ତେ ଜାରି ହୋଇଥିବା ଏହି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର ବା ଏସଓପି ଅନୁସାରେ ଏଣିକି ବାଲି ଚାଲାଣ କରାଯିବ।

ଏସ୍‌ଓପି ଅନୁଯାୟୀ ବାଲି ପରିଚାଳନା ପାଇଁ ପ୍ରତି ଜିଲ୍ଲାରେ କମିଟି ଗଠନ ହେବ। ଏହି କମିଟିରେ ଜିଲ୍ଲାପାଳ ଅଧ୍ୟକ୍ଷତା କରିବେ। କେଉଁ ଖାଦାନରୁ ବାଲି ଉତ୍ତୋଳନ ହେବ, ତାହା ଚୟନ କରିବ (ପୃଷ୍ଠା ୭ରେ)

### ଡିଲିମିଟେସନକୁ ନେଇ ଚେନ୍ନାଇରେ ଏକଜୁଟ ହେଲେ ବିରୋଧୀ

## ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଆମକୁ ଦଣ୍ଡିତ କରା ନ ଯାଉ




**ଚେନ୍ନାଇ, ୨୨।୩**

ସୀମା ନିର୍ଦ୍ଧାରଣ ପ୍ରସଙ୍ଗ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଶନିବାର ଚେନ୍ନାଇରେ ବିରୋଧୀ ନେତାମାନଙ୍କର ଏକ ବୈଠକ ଡାକିଥିଲେ। କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ସମେତ ଅନେକ ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ନେତା ବୈଠକରେ ଯୋଗ ଦେଇଥିଲେ।

ବୈଠକରେ ଅଂଶଗ୍ରହଣ କରି କେରଳ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକସଭା ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ ପ୍ରସ୍ତାବ ଆମ ମୁଣ୍ଡ ଉପରେ ଏକ ଖଣ୍ଡା ଭଳି ଝୁଲୁଛି। ବିଭିନ୍ନ ରିପୋର୍ଟରୁ ଜଣାପଡିଛି ଯେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର କୌଣସି ପରାମର୍ଶ ବିନା ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆଗକୁ ବଢାଉଛନ୍ତି । ଏଭଳି ହଠାତ୍ ପଦକ୍ଷେପ କୌଣସି ସାମ୍ବିଧାନିକ ନୀତି କିମ୍ବା ଗଣତାନ୍ତ୍ରିକ ବାଧ୍ୟବାଧକତା ଦ୍ୱାରା ଅନୁପ୍ରାଣିତ ନୁହେଁ। ବୈଠକରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ସ୍ପଷ୍ଟ କରିଥିଲେ ଯେ (ପୃଷ୍ଠା ୭ରେ)

### ଆସନ ନିର୍ଦ୍ଧାରଣ ପାଇଁ ଜନସଂଖ୍ୟା ଏକ ମାନଦଣ୍ଡ ନ ହେଉ

**ଭୁବନେଶ୍ୱର, ୨୨।୩**
**ନ୍ୟୁଜ୍ ବ୍ୟୁରୋ**



ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଆସନ ନିର୍ଦ୍ଧାରଣ ପାଇଁ ଜନସଂଖ୍ୟା ଏକ ମାନଦଣ୍ଡ ନ ହେଉ ବୋଲି ନବୀନ କହିଛନ୍ତି । ତାମିଲନାଡୁର ଚେନ୍ନାଇରେ ଏ ନେଇ ଆହୁତ ଗୁରୁତ୍ୱପୂର୍ଣ୍ଣ ବୈଠକକୁ ଏକ ଭିଡିଓ ବାର୍ତ୍ତା ପଠାଇ ନବୀନ ଏହା କହିଛନ୍ତି।

କେନ୍ଦ୍ର ସରକାର ଜନସଂଖ୍ୟା ଆଧାରରେ ସଂସଦୀୟ କ୍ଷେତ୍ରଗୁଡ଼ିକର ସୀମା ପୁନଃନିର୍ଦ୍ଧାରଣ କରିବାକୁ ଯୋଜନା ରଖିଛନ୍ତି। ଏହାକୁ ବିଭିନ୍ନ ରାଜ୍ୟ ବିଶେଷ କରି ଅଣବିଜେପି ଶାସିତ ରାଜ୍ୟଗୁଡ଼ିକ ପକ୍ଷରୁ ବିରୋଧ କରାଯାଉଛି। ଏହା ବିରୋଧରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନଙ୍କ ଦ୍ୱାରା ଏକ ବୈଠକ ଡକାଯାଇଛି। ମିଳିତି କ୍ରିୟାନୁଷ୍ଠାନ କମିଟି ବୈଠକରେ ବିଭିନ୍ନ ରାଜ୍ୟରୁ କଂଗ୍ରେସ ସମେତ ଅନ୍ୟାନ୍ୟ ଆଞ୍ଚଳିକ ଦଳର ନେତାମାନେ ଯୋଗଦେଇଛନ୍ତି । ଓଡ଼ିଶାରୁ ଦୁଇ ବିଜେଡି ନେତା ଅମର ପଟ୍ଟନାୟକ, ସଞ୍ଜୟ ଦାସବର୍ମାଙ୍କ ସମେତ କଂଗ୍ରେସ ସଭାପତି ମଧ୍ୟ ବୈଠକରେ ସାମିଲ ହୋଇଛନ୍ତି। ଶନିବାର ଚେନ୍ନାଇରେ ବୈଠକ ଚାଲିଥିବା ସମୟରେ ନବୀନ ଏକ ଭିଡିଓ ବାର୍ତ୍ତା ପଠାଇଥିଲେ। ଯେଉଁଥିରେ ସେ କହିଛନ୍ତି, ଦେଶର ବିକାଶରେ ଜନସଂଖ୍ୟା ନିୟନ୍ତ୍ରଣ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଏଜେଣ୍ଡା। ତେଣୁ ସୀମା ନିର୍ଦ୍ଧାରଣରେ ଜନସଂଖ୍ୟା ଏକ ମାନଦଣ୍ଡ ନ ହେଉ। ଜନସଂଖ୍ୟା ଆଧାରରେ ଆସନ ନିର୍ଦ୍ଧାରଣ କରିବା ଜନସଂଖ୍ୟା ହ୍ରାସ ଦିଗରେ କାର୍ଯ୍ୟ କରିଥିବା (ପୃଷ୍ଠା ୭ରେ)

## ଏକାଳ ପଖାଳ



କାଳବୈଶାଖୀରେ ରାଇଜେ ଜନେ
ବଦଳିଛି ପାଣିପାଗ
କଟକ ଭାସିଛି ଅସରେ ବର୍ଷାରେ
ରହିଛି ପୁରୁଣା ଢଙ୍ଗ
ରାଜନୀତି ଧରେ ରଙ୍ଗ
ମେଳିରେ ମିଶିକି କୋଳାକୋଳି ହୋଇ
ରଡନ୍ତି ଯେମିତି ବେଙ୍ଗ।

# ବିଷାକ୍ତ ହେଉଛି ଓଡ଼ିଶାର ଲାଇଫ୍‌ଲାଇନ



**ଭୁବନେଶ୍ୱର, ୨୨।୩**
**ନ୍ୟୁଜ୍ ବ୍ୟୁରୋ**

ବିଷ ପାଲଟିଗଲାଣି ଓଡ଼ିଶାର ଲାଇଫ୍‌ଲାଇନ୍ ମହାନଦୀର ଅମୃତ ଧାରା। ଗୋଟିଏ ପଟେ ଛତିଶଗଡ଼ ସରକାର ଉପରମୁଣ୍ଡରେ ସମସ୍ତ ଗେଟ ବନ୍ଦ କରିଦେଇଥିବା ବେଳେ ଅନ୍ୟପଟେ ସହରର ବିଷାକ୍ତ ପାଣି ସିଧାସଳଖ ମହାନଦୀରେ ପଡୁଛି, ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ସହରବାସୀ। ପୂର୍ବରୁ ଅଧିକ ପାଣି ଆସିବା ଫଳରେ ଆବର୍ଜନା ସବୁ ଭସାଇ ନେଉଥିଲା। ହେଲେ ଏବେ ପାଣି କମିଥିବାରୁ ଜଳ ଅଧିକ ପ୍ରଦୂଷିତ ହେଉଛି । ତେଣୁ ଏହା ବ୍ୟବହାର ଉପଯୋଗୀ ନଥିବା ଲୋକେ ଅଭିଯୋଗ କରିଛନ୍ତି ।

ବିଷାକ୍ତ ହେଉଛି ଓଡିଶାର ଲାଇଫଲାଇନ । ଜହର ପାଲଟିଲାଣି ମହାନଦୀର ଅମୃତ ଧାରା । ଜୀବ ଜଗତ ଉପରେ ପଡିବ ଏହାର କୁପ୍ରଭାବ। ଚିନ୍ତା ପ୍ରକଟ କଲେଣି ବୁଦ୍ଧିଜୀବୀ ଓ ପରିବେଶବିତ। ଜଳ ପ୍ରବାହ ହ୍ରାସ ପାଇଥିବାରୁ ନଦୀର ବିଭିନ୍ନ ସ୍ଥାନରେ ଜମି ରହିଥିବା ପାଣିରେ ନାନା ପ୍ରକାର ଆବର୍ଜନା ପଡିରହିଥିବାରୁ ତାହା ଦ୍ୱାରା ପରିବେଶ ଅତ୍ୟନ୍ତ ମାତ୍ରାରେ ପ୍ରଦୂଷିତ ହୋଇପଡିଛି। ଓଡ଼ିଶାର ଜୀବନ ରେଖା ମହାନଦୀର ବିଷାକ୍ତମୟ ପାଣି ପୂର୍ବରୁ ସମ୍ବଲପୁର ସହରର ବିଭିନ୍ନ ସ୍ଥାନ (ପୃଷ୍ଠା ୭ରେ)

## ୫.୩ ନିୟୁତ ପ୍ରବାସୀଙ୍କୁ ଆମେରିକା ଛାଡିବାକୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

**ୱାଶିଂଟନ, ୨୨।୩**



ଆମେରିକାର ପ୍ରବାସୀ ନୀତି ସମ୍ପର୍କରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଏକ ବଡ଼ ନିଷ୍ପତ୍ତି ନେଇଛି, ଯାହା ଦ୍ୱାରା ୪ ଦେଶର ନାଗରିକଙ୍କୁ ଏବେ ଆମରେିକା ଛାଡିବାକୁ ପଡ଼ିବ । କ୍ୟୁବା, ହାଇତି, ନିକାରାଗୁଆ ଏବଂ ଭେନେଜୁଏଲା ଆଦି ୪ ଦେଶର ୫.୩ ଲକ୍ଷ ପ୍ରବାସୀଙ୍କର ଆଇନଗତ ସୁରକ୍ଷା ଶେଷ ହୋଇଛି। ଏହି ନିଷ୍ପତ୍ତି ଅନୁଯାୟୀ ଏହି ପ୍ରବାସୀମାନଙ୍କୁ ଆଗାମୀ ଗୋଟିଏ ମାସ ମଧ୍ୟରେ ଆମେରିକା ଛାଡ଼ିବାକୁ ପଡ଼ିବ।

ଗୃହ ସୁରକ୍ଷା ବିଭାଗ ଅନୁଯାୟୀ ଏହି ଦେଶଗୁଡ଼ିକର ପ୍ରବାସୀ ଯେଉଁମାନେ ଅକ୍ଟୋବର ୨୦୨୨ରେ ଆର୍ଥିକ ପ୍ରାୟୋଜକଙ୍କ ସହିତ ଆମେରିକାରେ ପ୍ରବେଶ କରିଥିଲେ। ସେମାନଙ୍କର ପାରୋଲ ସ୍ଥିତି ବର୍ତ୍ତମାନ ସମାପ୍ତ ହୋଇଯିବ। ପୂର୍ବରୁ ସେମାନଙ୍କୁ ଆମେରିକାରେ ରହିବା ଏବଂ କାମ କରିବା ପାଇଁ ଦୁଇ (ପୃଷ୍ଠା ୭ରେ)





# ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଏହାର ସମୃଦ୍ଧ ସାରସ୍ୱତ ସମ୍ଭାର ପ୍ରତି ଉପଯୁକ୍ତ ସମ୍ମାନ : ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜାତୀୟ ପରିଚୟ ପ୍ରତିଷ୍ଠାରେ ଶାସ୍ତ୍ରୀୟ ଭାଷାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗୌରବମୟ ସାହିତ୍ୟ ପରଂପରାର ସ୍ୱାକ୍ଷର ବହନ କରୁଥିବା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ଏହାର ସମୃଦ୍ଧ ସାରସ୍ୱତ ସମ୍ଭାର ପ୍ରତି ଉପଯୁକ୍ତ ସମ୍ମାନ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି ।

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଆନୁକୂଲ୍ୟରେ ଏବଂ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଅର୍ନ୍ତଗତ ଭାରତୀୟ ଭାଷା ସଂସ୍ଥାନ ସହଯୋଗରେ ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ଆୟୋଜିତ "ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ" ପାଳନ ଅବସରରେ 'ଭାରତର ଶାସ୍ତ୍ରୀୟ ଭାଷା – ଏକ ନୂତନ ଦୃଷ୍ଟି କୋଣ' ଶୀର୍ଷକ ସେମିନାରକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି । ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ରାଜ୍ୟପାଳ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଏହି ଅବସରରେ ଜାତୀୟ ସେମିନାର ଆୟୋଜନ ଗୌରବର କଥା ବୋଲି କହିଥିଲେ । ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଓଡ଼ିଆ ଭାଷାର ଗୌରବମୟ ପରଂପରା ଭାରତର ସାହିତ୍ୟ ଓ ଦର୍ଶନକୁ ସମୃଦ୍ଧ କରିଛି । ଓଡ଼ିଶା ଦୀର୍ଘ କାଳ ଧରି ସାହିତ୍ୟ, ସଂସ୍କୃତି ଏବଂ ଜ୍ଞାନର କେନ୍ଦ୍ର ଭାବେ ପରିଚିତ ହୋଇଆସିଛି । ଜୟଦେବଙ୍କ ଭଳି ପ୍ରତିଭାବାନ୍ ସାରସ୍ୱତ ସ୍ରଷ୍ଟାଙ୍କ କାଳଜୟୀ ସୃଷ୍ଟି ଗୀତ ଗୋବିନ୍ଦର ଭକ୍ତି ସଂଗୀତ ଭାଷାଗତ ଓ ଭୌଗଳିକ ସୀମା ଅତିକ୍ରମ କରି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଂଗୀତ ଏବଂ କବିତାକୁ ପ୍ରଭାବିତ କରିଛି । ଓଡ଼ିଆ ଭାଷା ଓ ସାହିତ୍ୟ ସହ ଜଡ଼ିତ ଜଗନ୍ନାଥ ସଂସ୍କୃତି ଭାରତର ଆଧ୍ୟାତ୍ମିକ ଚେତନାକୁ ଋଦ୍ଧିମନ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ପବିତ୍ର ଗ୍ରନ୍ଥଗୁଡ଼ିକର ଓଡ଼ିଆରେ ଅନୁବାଦ ସହିତ ତାହାକୁ ସମସ୍ତଙ୍କ ପାଇଁ ସୁଗମ /ବୋଧଗମ୍ୟ କରିବା ତଥା ଜ୍ଞାନ ବିତରଣ କରିବା କ୍ଷେତ୍ରରେ ଓଡ଼ିଶାର ପ୍ରତିବଦ୍ଧତା ସୂଚାଉଛି ବୋଲି ରାଜ୍ୟପାଳ କହିଥିଲେ । ରାଜ୍ୟପାଳ କହିଥିଲେ ଯେ ଶାସ୍ତ୍ରୀୟ ଭାଷାଗୁଡ଼ିକ ଆମ ଦେଶର ସଭ୍ୟତା ଓ ଐତିହ୍ୟର ସ୍ତମ୍ଭ ଏବଂ ଏହି ଶାସ୍ତ୍ରୀୟ ଭାଷା ସମୂହ ଶତାବ୍ଦୀ ଶତାବ୍ଦୀର ଜ୍ଞାନ, ସାହିତ୍ୟ ଓ କଳାତ୍ମକ ପ୍ରକାଶନକୁ ବହନ କରୁଛି ଏବଂ ଆମର ଜାତୀୟ ପରିଚୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଯେତେବେଳେ ଶାସ୍ତ୍ରୀୟ ଭାଷାର ଭବିଷ୍ୟତ ସଂପର୍କରେ ଆଲୋଚନା ହେଉଛି, ସେତେବେଳେ ଆମ ଯୁବପୀଢ଼ିଙ୍କ ମଧ୍ୟରେ ଭାଷା ପ୍ରତି ଗର୍ବ ଜାଗ୍ରତ କରିବା ଏବଂ ଶାସ୍ତ୍ରୀୟ ଭାଷା ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ଛାତ୍ରବୃତି ବ୍ୟବସ୍ଥା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ସକ୍ରିୟ ଭୂମିକା ନିଭାଇବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ । ପୁଣି ରାଜ୍ୟପାଳ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱରେ ଭାରତୀୟ ଭାଷାଗୁଡ଼ିକୁ ପ୍ରୋତ୍ସାହନ ଯୋଗାଇବା ପାଇଁ ଜାତୀୟ ଶିକ୍ଷାନୀତି – ୨୦୨୦ ଜରିଆରେ ପଦକ୍ଷେପ ନିଆଯାଇଛି । ଏହି ନୂତନ ଶିକ୍ଷାନୀତିରେ ପ୍ରାଥମିକ ପର୍ଯ୍ୟାୟରେ ମାତୃଭାଷା କିମ୍ବା ସ୍ଥାନୀୟ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥା ସାଂସ୍କୃତିକ ପରିଚୟକୁ ସୁଦୃଢ଼ କରିବା ସହିତ ନିଜ ଐତିହ୍ୟ ସହ ସଂଯୋଗ ହେବାକୁ ପ୍ରୋତ୍ସାହିତ କରିବ । ଭାଷାଗୁଡିକର ସଂରକ୍ଷଣ ଏବଂ ପ୍ରୋତ୍ସାହନ କେବଳ ଶିକ୍ଷାଗତ ନୁହେଁ ବରଂ ଆମର ଜାତୀୟ ପରିଚୟକୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ । ନୂଆ ଶିକ୍ଷାନୀତି ଦେଶକୁ ବିକଶିତ ଭାରତ ଆଡକୁ ମାର୍ଗ ଦର୍ଶନ କରିବ ବୋଲି ରାଜ୍ୟପାଳ କହିଥିଲେ । ଏହି ଆଧୁନିକ ଯୁଗରେ ଆମର ଶାସ୍ତ୍ରୀୟ ଭାଷାଗୁଡ଼ିକୁ ପ୍ରଗତିଶୀଳ ହେବାକୁ ନିଶ୍ଚିତ କରିବା ଆବଶ୍ୟକ । ଭାଷା ସାହିତ୍ୟକୁ ଆଗାମୀ ପୀଢ଼ି ପାଇଁ ସୁରକ୍ଷିତ ରଖିବା ନିମନ୍ତେ ଡିଜିଟାଲାଇଜେସନ୍, କୃତ୍ରିମ ବୁଦ୍ଧିମତା ଏବଂ ଭାଷାଗତ ଗବେଷଣାକୁ ଆପଣେଇବା ପାଇଁ ରାଜ୍ୟପାଳ ଡ. କମ୍ଭମ୍ପାଟି ଆହ୍ୱାନ ଜଣାଇଥିଲେ । ଏହି ସମାରୋହରେ ସମ୍ମାନନୀୟ ଅତିଥିଭାବେ ଓଡ଼ିଶାର ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସୁନାମଧନ୍ୟା ଲେଖିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ ଏବଂ ଭାରତୀୟ ଭାଷା ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ଶୈଳେନ୍ଦ୍ର ମୋହନ ଓଡ଼ିଆ ଶାସ୍ତ୍ରୀୟ ଭାଷାର ଗରିମା, ଶାସ୍ତ୍ରୀୟ ଭାଷାର ସଂରକ୍ଷଣ ଏବଂ ଜାତୀୟ ସେମିନାର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା ।

# ଜବରଦଖଲକାରୀଙ୍କ କବ୍‌ଜାରେ ୪୯୬ ଏକର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



କ୍ଷମତାକୁ ଆସିବାର ମାତ୍ର ୯ ମାସ ମଧ୍ୟରେ ରାଜଧାନୀର ୪୩ ଏକର ସରକାରୀ ଜମିକୁ ବିଭିନ୍ନ ସରକାରୀ ସଂସ୍ଥାକୁ ହସ୍ତାନ୍ତର କରିଛନ୍ତି ସରକାର । ଶିକ୍ଷାନୁଷ୍ଠାନ ସମେତ ଗବେଷଣା ପ୍ରତିଷ୍ଠାନ, ଉନ୍ନୟନମୂଳକ କାର୍ଯ୍ୟ, ରାସ୍ତା, ଥାନା କୋଠା ନିର୍ମାଣ ଭଳି ବିଭିନ୍ନ କାର୍ଯ୍ୟ କରିବାକୁ ଘରବାରି, ପତିତ, ନୟନଯୋରି, ବଗାୟତ ପ୍ରଭୃତି କିସମର ଜମି ଦିଆଯାଇଛି । ୨୦୨୪ ଜୁନ୍‌ରୁ ଆଜି ପର୍ଯ୍ୟନ୍ତ ରାଜଧାନୀରେ କୌଣସି ବ୍ୟକ୍ତିବିଶେଷ କିମ୍ବା ବେସରକାରୀ ଅନୁଷ୍ଠାନକୁ ରିହାତି ଦରରେ ଜମି ଯୋଗାଇ ଦିଆଯାଇ ନାହିଁ । ବରଂ ଜୁନ୍‌ଠାରୁ ଆଜି ପର୍ଯ୍ୟନ୍ତ ବିନା ମୂଲ୍ୟରେ ସରକାରୀ ବିଭାଗକୁ ହସ୍ତାନ୍ତର କରାଯାଇଛି । ୨୦୨୪ ଜୁନ୍ ମାସ ପୂର୍ବରୁ ରିହାତି ଦରରେ ରାଜଧାନୀରେ ଯୋଗାଇ ଦିଆଯାଇଥିବା କୌଣସି ଜମିର ଲିଜ୍ ବାତିଲ୍ କରାଯାଇ ନଥିବା ବିଧାନସଭାରୁ ସୂଚନା ମିଳିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ରାଜଧାନୀରେ ଥିବା ମୋଟ୍ ସରକାରୀ ଜମି ମଧ୍ୟରୁ ପ୍ରାୟ ୪୯୬.୦୪୫ ଏକର ଜବରଦଖଲରେ ରହିଛି । ୫୭ଟି ସ୍ଥାନରେ ଏହି ଜବରଦଖଲ ରହିଛି । ଜୟଦେବବିହାର ଅଞ୍ଚଳରେ ସର୍ବାଧିକ ୧୪୮.୮୪୪ ଏକର ରହିଥିବା ବେଳେ ଚନ୍ଦ୍ରଶେଖପୁରରେ ୩୩.୪୧୫, ଗାଡ଼କଣରେ ୩୧, ପଟିଆରେ ୨୮, ଡୁମୁଡୁମାରେ ୧୭, ବରମୁଣ୍ଡାରେ ୨୪, ନୂଆପଲ୍ଲୀ ନୀଳକଣ୍ଠନଗରରେ ୧୨.୦୯୭, କପିଳପ୍ରସାଦରେ ୨୨.୨୯୧, ବିଜେବିନଗରରେ ୧୦, ପାଣ୍ଡରାରେ ୯.୭୭୮, ଲକ୍ଷ୍ମୀସାଗରରେ ୮.୦୧୩ ଓ ଭୀମପୁରରେ ୧୮.୫୦୫ ଏକର ଜମି ଜବରଦଖଲ ହୋଇଛି । ତେବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଦଖଲରେ ଥିବା ୨୭ ଏକର ୫୦ ଡେସିମିଲ୍ ସରକାରୀ ଜମିକୁ ନିୟମିତ କରାଯାଇଛି । ବିଜେବିନଗର ମୌଜାରେ ଥିବା ଏହି ଜମିକୁ ନିୟମିତ କରିବାକୁ ବହୁ ବର୍ଷ ଧରି ଦାବି ହେଉଥିବା ବେଳେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଅନୁରୂପ ଭାବେ ବରମୁଣ୍ଡା ମୌଜାରେ ୭ ଏକର ୧୭୩ ଡେସିମିଲ୍ ଜମିକୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଅଫ୍ ଏଗ୍ରିକଲଚରାଲ ଏକ୍ସଟେନ୍‌ସନ୍ (ଇମେଜ୍) ବ୍ୟବହାର କରିବାକୁ କୃଷି ବିଭାଗକୁ ହସ୍ତାନ୍ତର ହୋଇଛି । ଶିଶୁ ଭବନ ଓ ନ୍ୟୁଟ୍ରିସନ୍ ରିହାବିଲିଟେସନ୍ ସେଣ୍ଟର(ଏନ୍‌ଆରସି)ର ସମ୍ପ୍ରସାରଣ ପାଇଁ ଭୀମପୁର ମୌଜାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ୦.୩୩୩ ଡେସିମିଲ୍ ସରକାରୀ ଜମି ହସ୍ତାନ୍ତର ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି । ସେପଟେ ଦିନ ଗଡ଼ିଚାଲିଥିଲେ ମଧ୍ୟ ଏକାମ୍ରକାନନରୁ ଆଇଏମ୍‌ଏ ପର୍ଯ୍ୟନ୍ତ ନିର୍ମାଣାଧୀନ ୨୦୦ ଫୁଟିଆ ସମାନ୍ତରାଳ ରାସ୍ତା କାର୍ଯ୍ୟ ଆଗେଇପାରୁ ନାହିଁ । କେତେବେଳେ ଜମି ସମସ୍ୟା ମୁଣ୍ଡ ଟେକୁଛି ତ ଆଉ କେବେ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ । ଗୋଟିଏ ପରେ ଗୋଟିଏ ବିବାଦ ଭିତରେ ଏହି ୨୦୦ ଫୁଟିଆ ରାସ୍ତା ନିର୍ମାଣ ଓ ଚଉଡ଼ା କରିବାକୁ ଚନ୍ଦ୍ରଶେଖରପୁର ମୌଜାରେ ୧ ଏକର ୮୦ ଡେସିମିଲ୍ ଜମିକୁ ରାଜ୍ୟ ସରକାର ପୂର୍ତ୍ତ ବିଭାଗକୁ ଦେଇଛନ୍ତି । ଏହି ଜମି ହସ୍ତାନ୍ତର ଦ୍ୱାରା ବହୁ ପ୍ରତୀକ୍ଷିତ ଏହି ରାସ୍ତା କାମ ଆଗେଇପାରିବ । ଚନ୍ଦ୍ରଶେଖରପୁରଠାରେ ନିର୍ମାଣାଧୀନ ମେ'ଫେୟାର ସନ୍ଥଆରି ସମ୍ମିଳନୀ କେନ୍ଦ୍ରକୁ ୧୦୦ ଫୁଟିଆ ଆପ୍ରୋଚ୍ ରୋଡ୍ ନିର୍ମାଣ କରିବାକୁ ୫ ଏକର ୨୦ ଡେସିମିଲ୍ ସରକାରୀ ଜମି ଅନୁମୋଦିତ ହୋଇଛି । ଏହି ଆପ୍ରୋଚ୍ ରୋଡ୍ ୨୦୦ ଫୁଟିଆ ରାସ୍ତାକୁ ସଂଯୋଗ କରିବ । ସେହିପରି ନୂଆ କରି ପ୍ରତିଷ୍ଠା ହୋଇଥିବା ପାହାଲ ଥାନାର ନୂତନ କୋଠା ଓ କର୍ମଚାରୀ କ୍ୱାର୍ଟର୍ସ ନିର୍ମାଣ କରିବାକୁ ବାଙ୍ଗୁଆରି ମୌଜାରେ ୧ ଏକର ୫୧୦ ଡେସିମିଲ୍ ସରକାରୀ ଜମି ହସ୍ତାନ୍ତର ହୋଇଛି । ସେହିପରି ମଞ୍ଚେଶ୍ୱର ଅଗ୍ନିଶମ କେନ୍ଦ୍ରର କୋଠା ନିର୍ମାଣ କରିବାକୁ ଗୃହ ବିଭାଗକୁ ୧ ଏକର ଜମି ହସ୍ତାନ୍ତର ହୋଇଛି ।

# କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଅବ୍ୟବସ୍ଥା: ବାରଣ୍ଡାରେ ପ୍ରସୂତି, କର୍ମଚାରୀଙ୍କ ଦୁର୍ବ୍ୟବହାର ବଢୁଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ୱାସ୍ଥ୍ୟସେବାକୁ ନେଇ ଚର୍ଚ୍ଚାରେ ଥିବା କ୍ୟାପିଟାଲ ହସ୍ପିଟାଲ୍‌କୁ ବିବାଦ ପିଛା ଛାଡୁନି । ଶିଶୁ ବିଭାଗରେ ଥିବା ଏସ୍‌ଏନ୍‌ସିୟୁରେ ଦିନକୁ ଦିନ ଅବ୍ୟବସ୍ଥା ବଢ଼ିବାରେ ଲାଗିଛି । ଗୋଟିଏ ଲାଇଟ୍ ତଳେ ଦୁଇ ଦୁଇଟି ନବଜାତକ ଶିଶୁଙ୍କୁ ଚିକିତ୍ସା କରାଯାଉଛି । ଯାହା ଫଳରେ ଶିଶୁମାନଙ୍କ ମଧ୍ୟରେ ସଂକ୍ରମଣ ବଢ଼ିବା ଆଶଙ୍କା ଦେଖାଦେଇଛି । ଆବଶ୍ୟକ ସଂଖ୍ୟକ ଶଯ୍ୟା ନଥିବାରୁ ପ୍ରସୂତିମାନେ ତଳେ ଗଡୁଛନ୍ତି । ଏପଟେ କାର୍ଯ୍ୟରତ ନର୍ସିଂ ଷ୍ଟାଫ୍ ରୋଗୀଙ୍କୁ ଦୁର୍ବ୍ୟବହାର କରୁଥିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ସୂଚନାନୁସାରେ ଶୈଳବାଳା ମହାନ୍ତି ତାଙ୍କ ଭଉଣୀଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ । ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗରେ ତାଙ୍କର ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା । ନାବଜାତକର କାମଳ ହୋଇଥିବା ଜଣାପଡ଼ିଥିଲା । ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଡାକ୍ତର ତାଙ୍କୁ ରାତି ପ୍ରାୟ ୧୧ଟା ସମୟରେ ଶିଶୁ ବିଭାଗକୁ ପଠାଇ ଦେଇଥିଲେ । କିନ୍ତୁ ସେଠାରେ ଏସ୍‌ଏନ୍‌ସିୟୁରେ ଶଯ୍ୟା ଖାଲି ନଥିଲା । ବାହାରେ ଏକ ଗୋଟିଏ ଲାଇଟରେ ଆଉ ଜଣେ ଶିଶୁଙ୍କ ପାଖରେ ତାଙ୍କୁ ରଖାଯାଇଥିଲା । ପରେ ସେଠାରେ ନିୟୋଜିତ ଥିବା ଜଣେ ନର୍ସିଂ ଅଫିସର 'ନିଜେ ଯାଇ ବେଡସିଟ୍ ଆଣି ପକାଅ' ବୋଲି କହିଥିଲେ । ଯାହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ଜାଗା ନଥିବାରୁ ଶୈଳବାଳା ତାଙ୍କ ଭଉଣୀଙ୍କୁ ଆଣି ବାରଣ୍ଡାରେ ଶୋଇଥିଲେ । କିଛି ସମୟ ପରେ ଝିଅକୁ କ୍ଷୀର ଖୁଆଇବା ବିଳମ୍ବ ହେବାରୁ ସେଠାରେ ଥିବା ନର୍ସିଂ ଅଫିସର ଜଣକ ତାଙ୍କ ଭଉଣୀକୁ ଗାଳି କରିବା ସହିତ ସମସ୍ତଙ୍କ ସମ୍ମୁଖରେ ଦୁର୍ବ୍ୟବହାର କରିଥିଲେ । ବିଶ୍ରାମ କକ୍ଷରେ ପର୍ଯ୍ୟାପ୍ତ ପରିମାଣରେ ଶଯ୍ୟା ନଥିବାରୁ ବାରଣ୍ଡାରେ ଶୋଇବାକୁ ହେଉଛି । ଡଷ୍ଟବିନ ସଫା ହେଉନଥିବାରୁ ଅଞ୍ଚଳ ଦୁର୍ଗନ୍ଧରେ ଫାଟିପଡୁଛି । ଏତେ ସବୁ ଅବ୍ୟବସ୍ଥା ସାଙ୍ଗକୁ ବାଥରୁମ ମଧ୍ୟ ସଫା କରାଯାଉ ନାହିଁ । ଏକାଧିକ ପ୍ରସୂତି ଏଭଳି ରାତି ତମାମ ଅସହାୟ ଅବସ୍ଥାରେ ପଡ଼ି ରହିଥିଲେ । କ୍ୟାପିଟାଲ ହସ୍ପିଟାଲର ଶିଶୁ ବିଭାଗ ୨୪ ଘଣ୍ଟିଆ ଖୋଲା ରହିବା ସହିତ ରୋଗୀ ଆସୁଛନ୍ତି । କିନ୍ତୁ ଏଭଳି ଅବ୍ୟବସ୍ଥା ପାଇଁ ସମସ୍ତଙ୍କୁ ହତାଶ କରିଛି । ଏନେଇ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପଚରା ଯିବାରୁ ସେ କହିଥିଲେ ଯେ ଏନେଇ କୌଣସି ଅଭିଯୋଗ ଆସି ନାହିଁ । ଅଭିଯୋଗ ଆସିଲେ ତଦନ୍ତ କରାଯିବ । ଏହାସହିତ ସଫେଇ ନେଇ ଅଚାନକ ପରିଦର୍ଶନ କରି ଯାଞ୍ଚ କରାଯିବ ।

## ଅଭୟାରଣ୍ୟରେ ଅଗ୍ନିକାଣ୍ଡ ରୋକିବାକୁ ଉଚ୍ଚସ୍ତରୀୟ ବୈଠକ

# ବନାଗ୍ନି ବଢ଼ିବା ପରେ ଚିନ୍ତା ପଶିଲା: ୧୦ ହଜାର ଫାୟାର ଲାଇନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଓଡ଼ିଶାରେ ବଢୁଥିବା ଜଙ୍ଗଲ ନିଆଁ ରୋକିବାକୁ ଏବର୍ଷ ୧୪ ଗୁଣ ଅଧିକ ଫାୟାର ଲାଇନ୍ ତିଆରି ହୋଇଛି । ୨୦୨୪ରେ ସମୁଦାୟ ୭୩୮ କିଲୋମିଟର ଫାୟାର ଲାଇନ ଥିବା ବେଳେ ୨୦୨୫ରେ ତାହାକୁ ୧୦ ହଜାର ୫୪୧ କିଲୋମିଟରକୁ ବୃଦ୍ଧି କରାଯାଇଛି । ଅନୁରୂପ ଭାବେ ଜଙ୍ଗଲ ନିଆଁ ପ୍ରଶମନ ପାଇଁ ୨୦୨୪-୨୫ରେ ଏହା ଦ୍ୱିଗୁଣିତ ଅର୍ଥାତ୍ ୯୦ଟି ସ୍କ୍ୱାର୍ଡ ଗଠନ ହୋଇଛି । ଅଗ୍ନି ପ୍ରଶମନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ସଂଖ୍ୟା ୨୦୨୩-୨୪ରେ ୨୦୫ ରହିଥିଲା । ଏଥର ତାହାକୁ ୬୯୦ରେ ପହଞ୍ଚାଯାଇଛି । ୨୦୨୫ରେ ୯୦ଟି ଅଗ୍ନି ନିର୍ବାପକ ଯାନ ଜଙ୍ଗଲରେ ନିୟୋଜିତ ଅଛି । ରାଜ୍ୟର ବିଭିନ୍ନ ଅଭୟାରଣ୍ୟରେ ଅଗ୍ନିକାଣ୍ଡ ପ୍ରତିରୋଧ ଓ ପରିଚାଳନାକୁ ଦୃଢ଼ କରିବାକୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରୁ ଏଭଳି ସୂଚନା ମିଳିଛି । ଭିଡିଓ କନଫେରେନ୍‌ସିଂ ଜରିଆରେ ଅନୁଷ୍ଠିତ ବୈଠକରେ ବନ୍ୟପ୍ରାଣୀ ଡିଭିଜନ, ଅଭୟାରଣ୍ୟର ସମସ୍ତ ବନଖଣ୍ଡ ଅଧିକାରୀ, ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର ବନଖଣ୍ଡ ଅଧିକାରୀଙ୍କ ଉପସ୍ଥିତିରେ ଅଭୟାରଣ୍ୟରେ ଅଗ୍ନିକାଣ୍ଡ ପ୍ରତିରୋଧ ଯୋଜନାଗୁଡ଼ିକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ନେଇ ଆଲୋଚନା ହୋଇଛି । ୨୦୨୪ରେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ମୋଟ ୧,୫୬୮ଟି ଅଗ୍ନିକାଣ୍ଡ ରେକର୍ଡ ହୋଇଥିଲା । ତେବେ ଏଥର ମାର୍ଚ୍ଚ ୧୧ ସୁଦ୍ଧା ୪୫୯ ଅଗ୍ନିକାଣ୍ଡ ଚିହ୍ନଟ ହୋଇଛି । ବନ ବିଭାଗ ପକ୍ଷରୁ ମାନବ ସମ୍ବଳ, ଗାଡ଼ି, ଆବଶ୍ୟକ ଆର୍ଥିକ ସହାୟତା ଓ ଯନ୍ତ୍ରପାତି ଯୋଗାଇ ଦିଆଯାଉଥିବାରୁ ଅଗ୍ନିକାଣ୍ଡ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇଛି । ୨୦୨୪ରେ ବଜେଟ୍ ପରିମାଣ ମାତ୍ର ୪୧୮.୮୧ ଲକ୍ଷ ଟଙ୍କା ଥିଲା । ଏଥର ବଜେଟ୍‌ରେ ତାହାକୁ ୧୪୨୧.୪୨ ଲକ୍ଷକୁ ବୃଦ୍ଧି କରାଯାଇଛି । ଅଗ୍ନିକାଣ୍ଡକୁ ତୁରନ୍ତ ନିୟନ୍ତ୍ରଣ ଓ ନିରାକରଣ ପାଇଁ ବନ ବିଭାଗ ପକ୍ଷରୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ହେଉଛି । ଶିମିଳିପାଳ ଅଭୟାରଣ୍ୟର ଦକ୍ଷିଣ ଭାଗରେ ୫ଟି କ୍ୟାମେରା ଲାଗିଛି । ତୃଣମୂଳସ୍ତରେ ଅଗ୍ନିକାଣ୍ଡ ନିର୍ବାପନ ପାଇଁ ସହାୟତା କରିବାକୁ ସମଗ୍ର ରାଜ୍ୟରେ ମୋଟ ୧,୦୨୬ ବ୍ଲୋୟର ମେସିନ୍ ଉପଲବ୍ଧ ରହିଛି । ରାଜ୍ୟର ଛୋଟ ଚିଡ଼ିଆ ଖାନାଗୁଡ଼ିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ବନ୍ୟପ୍ରାଣୀଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ସହ ନିୟମ ଅନୁଯାୟୀ ଚିଡ଼ିଆଖାନାରେ ସମସ୍ତ କାର୍ଯ୍ୟ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି । ଅଭୟାରଣ୍ୟ ଗୁଡ଼ିକୁ ସୁରକ୍ଷା ଦେବା, ସମସ୍ତ 'ଜୁ'ରେ ଅଗ୍ନିନିର୍ବାପକ ଉପକରଣ ବୃଦ୍ଧି, ନିରନ୍ତର ନିରୀକ୍ଷଣ ଓ ତ୍ୱରିତ କାର୍ଯ୍ୟାନ୍ୱୟ ଦଳ ଗଠନ, ସତର୍କତା ଓ ନିରୀକ୍ଷଣକୁ ବଢ଼ାଇବା, ବିଭିନ୍ନ ସଂସ୍ଥା ସହ ମିଳିତ କାର୍ଯ୍ୟକ୍ଷମତା ବୃଦ୍ଧି କରିବା, ସ୍ଥାନୀୟ ଲୋକଙ୍କୁ ଅଗ୍ନିକାଣ୍ଡ ପ୍ରତିରୋଧରେ ସାମିଲ ହେବାକୁ ଉତ୍ସାହିତ କରିବା ଉପରେ ଶ୍ରୀ ଝା ଗୁରୁତ୍ୱାରୋପ କରିଛନ୍ତି ।

# ପୁସ୍ତକରେ ସାମିଲ ହେବ ସହିଦଙ୍କ ବଳିଦାନ: ପିଲା ପଢ଼ିବେ ପାପଡ଼ାହାଣ୍ଡି ଗୁଳିକାଣ୍ଡ



**ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ରକ୍ତତୀର୍ଥ ପାପଡ଼ାହାଣ୍ଡିର ଟୁରୀ ନଦୀ । ସ୍ୱାଧୀନତା ପାଇଁ ଇଂରେଜଙ୍କ ଗୁଳିରେ ସହିଦ ହୋଇଥିଲେ ୧୯ଜଣ ସଂଗ୍ରାମୀ । ବଳିଦାନର ଏହି ବୀର କାହାଣୀକୁ ପାଠ୍ୟ ପୁସ୍ତକରେ ସାମିଲ କରାଯିବ । ପିଲାଙ୍କୁ ପାପଡ଼ାହାଣ୍ଡି ଗୁଳିକାଣ୍ଡ ବିଷୟରେ ପଢ଼ାଇବା ପାଇଁ ବିଚାର ଚାଲିଛି ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସଂକେତ ଦେଇଛନ୍ତି । ପାପଡ଼ାହାଣ୍ଡି ସହିଦ ମିନାରର ବିକାଶ ପାଇଁ ପ୍ରୟାସ ଆରମ୍ଭ ହୋଇଛି । ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମିନାରର ବିକାଶ ପାଇଁ ୬କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି । ଭାରତୀୟ ମୁକ୍ତି ସଂଗ୍ରାମର ମହାନ ଗାଥାକୁ ଅବିସ୍ମରଣୀୟ କରି ରଖିବା ସହ ଅମର ସ୍ୱାଧୀନତା ସଂଗ୍ରାମୀଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ପାଇଁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି । ପାପଡ଼ାହାଣ୍ଡି ସହିଦ ମିନାରର ବିକାଶ ଅତ୍ୟନ୍ତ ଆବଶ୍ୟକ ଥିଲା । ତାହା ଆଜି ହୋଇପାରିଛି । ପଞ୍ଜାବର ଜାଲିଆନାବାଗ୍ ଭଳି ପାପଡ଼ାହାଣ୍ଡି ଟୁରୀ ନଦୀକୂଳରେ ଗୁଳିକାଣ୍ଡ ହୋଇଥିଲା । ଯାହାକୁ ପାଠ୍ୟ ପୁସ୍ତକରେ ସାମିଲ କରିବା ପାଇଁ ସରକାରଙ୍କ ପାଖରେ ଉପସ୍ଥାପନ କରାଯିବ । ଦେଶକୁ ସ୍ୱାଧୀନ କରିବା ପାଇଁ ସଂଗ୍ରାମୀ ପଣ କରିଥିଲେ । ତାଙ୍କରି ଅବଦାନ ପାଇଁ ଆଜି ଦେଶ ସ୍ୱାଧୀନ ହୋଇପାରିଛି । ସେମାନଙ୍କୁ କେହି ଭୁଲିବା ଉଚିତ ନୁହେଁ । ବଳିଦାନର ଇତିହାସକୁ ଲିପିବଦ୍ଧ କରିବା ସହ ଲୋକଙ୍କୁ ଅବଗତ କରିବାକୁ ପଦକ୍ଷେପ ନିଆଯିବ । ନିଶ୍ଚିତ ଭାବେ ପାପଡ଼ାହାଣ୍ଡି ଗୁଳିକାଣ୍ଡ ଘଟଣାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ବିଚାରକୁ ନେବେ ବୋଲି ମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ଯେ ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ନବରଙ୍ଗପୁର ଜିଲ୍ଲାର ଶହ ଶହ ସଂଗ୍ରାମୀ ସାମିଲ ହୋଇଥିଲେ । ଅଗଷ୍ଟ ୨୪ତାରିଖ ଦିନ ଡାବୁଗାଁ ଅଭିମୁଖେ ଏକ ସଭାରେ ଯୋଗଦେବାକୁ ଚାଲିଚାଲି ଆସିବା ସମୟରେ ପାପଡ଼ାହାଣ୍ଡି ଟୁରୀ ନଦୀ ନିକଟରେ ବ୍ରିଟିସ୍ ପୁଲିସ ଗୁଳି ଚଳାଇଥିଲା । ଘଟଣାସ୍ଥଳରେ ୧୯ଜଣ ସ୍ୱାଧୀନତା ସଂଗ୍ରାମୀ ସହିଦ ହୋଇଥିଲେ । ଅନେକ ସଂଗ୍ରାମୀ ଟୁରୀ ନଦୀକୁ ଡେଇଁ ବଳିଦାନ ଦେଇଥିଲେ । ଏହି ଐତିହାସିକ ଘଟଣାର ସ୍ମୃତିଚାରଣ ଉଦ୍ଦେଶ୍ୟରେ ପାପଡ଼ାହାଣ୍ଡିଠାରେ ସହିଦ ସ୍ମୃତି ମିନାର ସ୍ଥାପନ କରାଯାଇଛି । ଓଡ଼ିଶା ପାଠ୍ୟ ପୁସ୍ତକରେ ପାପଡ଼ାହାଣ୍ଡି ଗୁଳିକାଣ୍ଡ ବିଷୟ ସାମିଲ କରିବାକୁ ପ୍ରସ୍ତାବ ଦେବେ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଛନ୍ତି ।

## ରାଜ୍ୟର ୬ଟି ଜଳମାର୍ଗକୁ ଜାତୀୟ ଜଳମାର୍ଗ ଭାବେ ଘୋଷଣା କରାଯାଇଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ଛଅଟି ଜଳମାର୍ଗକୁ ଜାତୀୟ ଜଳମାର୍ଗ ରୂପେ ଘୋଷଣା କରାଯାଇଛି । ଭାରତ ସରକାରଙ୍କ ଜାତୀୟ ଜଳମାର୍ଗ ନୀତି – ୨୦୧୬ ଅନୁଯାୟୀ ଏହା ଘୋଷଣା ହୋଇଥିବା ସୂଚନା ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଜାତୀୟ ଜଳମାର୍ଗ ଭାବେ ଘୋଷଣା ହୋଇଥିବା ୬ଟି ଜଳମାର୍ଗ ମଧ୍ୟରେ ୫ନମ୍ବର ଜାତୀୟ ଜଳମାର୍ଗର ଦୂରତା ୫୮୮ କିଲୋମିଟର । ଏହା ଓଡିଶାର ତାଳଚେର ଠାରୁ ପଶ୍ଚିମବଙ୍ଗର ଜିଓଁଖାଲି ପର୍ଯ୍ୟନ୍ତ ଲମ୍ବିଛି । ଏଥିରେ ବ୍ରାହ୍ମଣୀ, ଖରସୁଆଁ, କାଣୀ, ମତେଇ, ମହାନଦୀ ଓ ଏହାର ଶାଖାନଦୀ ସମେତ ଇଷ୍ଟକୋଷ୍ଟ କେନାଲ ରହିଛି । ସେହିଭଳି ୧୪ନମ୍ବର ଜାତୀୟ ଜଳମାର୍ଗର ଦୈର୍ଘ୍ୟ ୪୯ କିଲୋମିଟର । ଏହା ଯାଜପୁରର ଦତ୍ତପୁର ଠାରୁ ଧାମରା ଓ ବୈତରଣୀ ନଦୀର ସଂଯୋଗ ସ୍ଥଳ ପର୍ଯ୍ୟନ୍ତ ବ୍ୟାପିଥିବାବେଳେ ଏଥିରେ କେବଳ ବୈତରଣୀ ନଦୀ ଆସୁଛି । ୧୫୬ କିଲୋମିଟରର ଦୈର୍ଘ୍ୟ ୨୨ନମ୍ବର ଜାତୀୟ ଜଳମାର୍ଗ ଚୌଦ୍ୱାରର ବିରୂପା ଆନିକଟ ଠାରୁ ବ୍ରାହ୍ମଣୀ ନଦୀର କାଟଣା ପର୍ଯ୍ୟନ୍ତ ବିଭନ୍ନ ବାଟ ଦେଇ ଯାଇଛି । ଏହା ମଧ୍ୟରେ ବିରୂପା, ବଡି, ଗେଙ୍ଗୁଟି ଓ ବ୍ରାହ୍ମଣୀ ନଦୀ ରହିଛି । ୨୩ ନମ୍ବର ଜାତୀୟ ଜଳମାର୍ଗ ୫୬ କିଲୋମିଟର ରହିଛି । ଏହା ମୟୁରଭଞ୍ଜ ଜିଲ୍ଲାର ପାଟଳିପଡ୍ଡୁ ଠାରୁ ବାହାରି ବୁଢାବଳଙ୍ଗ ନଦୀ ଓ ବଙ୍ଗୋପସାଗରର ସଂଯୋଗସ୍ଥଳ ପର୍ଯ୍ୟନ୍ତ ଯାଇଛି । ୬୪ନମ୍ବର ଜାତୀୟ ଜଳମାର୍ଗର ଦୂରତା ୪୨୫ କିଲୋମିଟର ରହିଛି । ଏହା ସମ୍ବଲପୁର ଆନିକଟରୁ ପାରାଦୀପ ପର୍ଯ୍ୟନ୍ତ ଥିବାବେଳେ ୩୧୪ କିଲୋମିଟର ଦୂରତା ଥିବା ୯୬ ନମ୍ବର ଜାତୀୟ ଜଳମାର୍ଗ ଝାଡଖଣ୍ଡ ରାଜ୍ୟର ଚାନ୍ଦିଲି ଡ୍ୟାମ ଠାରୁ ସୁବର୍ଣ୍ଣରେଖା ନଦୀ ଓ ବଙ୍ଗୋପସାଗରର ସଂଯୋଗସ୍ଥଳ ପର୍ଯ୍ୟନ୍ତ ରହିଛି । ଏହିସବୁ ଜଳମାର୍ଗ ମଧ୍ୟରୁ କେବଳ ଜାତୀୟ ଜଳମାର୍ଗ-୫ର ପ୍ରଥମ ପର୍ଯ୍ୟାୟ ଉନ୍ନୟନ ନିମନ୍ତେ ବିଦ୍ୟୁତ ଲାଇନକୁ ନିରାପଦ ଉଚ୍ଚତାକୁ ନେବାପାଇଁ ଭାରତୀୟ ଜଳମାର୍ଗ ପ୍ରାଧିକରଣଙ୍କ ଦ୍ୱାରା ୪୩.୯୮ କୋଟି ଟଙ୍କା ବ୍ୟୟ କରାଯାଇଛି । ପଙ୍କପାଳ ଠାରେ ଏକ ସ୍ଥାୟୀ ଟର୍ମିନାଲ ପାଇଁ ୧୧୫ ଏକର ଜମି ଅଧିଗ୍ରହଣ ସକାଶେ ରାଜ୍ୟ ସରକାର ୧କୋଟି ୯୦ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି ।

# ଅଘଟଣ: ଅକାଳରେ ଗଲା ୪୨ ଜୀବନ, ବନ୍ଧୁକ ଫୁଟାଇ ବନ୍ଧୁଙ୍କୁ ହତ୍ୟା

**କଟକ, ନ୍ୟୁଜ ବ୍ୟୁରୋ**



ବୟାଳିଶମୌଜାରେ ହୋଲି ଉତ୍ସବ ସମୟରେ ବନ୍ଧୁର ଗୁଳିରେ ବନ୍ଧୁର ମୁଣ୍ଡ ଗଡ଼ିଛି । କ୍ୟାରମ୍ ଖେଳ ସମୟରେ ବୋର୍ଡରେ ପାଣି ପଡ଼ିଯିବାରୁ ନିଶାସକ୍ତ ଅବସ୍ଥାରେ ଥିବା ଜଣେ ବନ୍ଧୁ ଅନ୍ୟ ଜଣକୁ ଜିରୋ ରେଞ୍ଜରୁ ଗୁଳି ଫୁଟାଇ ହତ୍ୟା କରିଛି । ମୃତକ ହେଲେ ଜଗତସିଂହପୁର ଜିଲ୍ଲା ଏରସମା ଥାନା ଭିରଙ୍ଗ ଅଞ୍ଚଳର ଗଣେଶ ଓରଫ ବିକାଶ ମହାନ୍ତି । ପୁଲିସ ଏହି ମାମଲାରେ ଅଭିଯୁକ୍ତ କିଟୁ ଓରଫ ପ୍ରକାଶ ସୂତାର(୨୫)କୁ ଗିରଫ କରିଥିବା ବେଳେ ତା' ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଓ ଖାଲି କ୍ୟାଟ୍ରିଜ୍ ଜବତ କରିଛି । ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଥାନା ଚାହାପଡ଼ାର କିଟୁ ଓରଫ ପ୍ରକାଶ ସୂତାର ବୟାଳିଶମୌଜା ଶ୍ରୀକ୍ରିଷ୍ଣାବିହାର ଦ୍ୱାରକା ଚୌକ୍ ?ରେ ଏକ ଭଡ଼ା ଘରେ ରୁହନ୍ତି । ସେ ଘରେ ତାଙ୍କ ସମ୍ପର୍କୀୟ ଭାଇ ଶକ୍ତି ଓ ଦେବ, ଡ୍ରାଇଭର, ରୋଷେୟା ରୁହନ୍ତି । ଶକ୍ତିଙ୍କର ନେତାଜୀନଗର ଅଞ୍ଚଳରେ ଏକ ଡାକ୍ତରଖାନା ଥିବା ବେଳେ ସମସ୍ତେ ସେଠାରେ ନିୟୋଜିତ ହୋଇଥିଲେ । ହୋଲି ପାଇଁ ସେହି ଘରକୁ ଗଣେଶ ଶୁକ୍ରବାର ଆସି ପହଞ୍ଚିଥିଲେ । ଶନିବାର ଏକ ଭୋଜି ଆୟୋଜନ କରିଥିଲେ । ଏହି ଭୋଜିରେ କିଟୁ, ଶକ୍ତି, ଦେବ, ଗଣେଶ ଓରଫ ବିକାଶ ମହାନ୍ତିଙ୍କ ସମେତ ଡ୍ରାଇଭର ଓ ରୋଷେୟା ବି ସାମିଲ ହୋଇଥିଲେ । ବିରିୟାନି ଖାଇବା ସହିତ ମଦ ବି ପିଇଥିଲେ । ନିଶାସକ୍ତ ଅବସ୍ଥାରେ ଥିବା କିଟୁ ଏବଂ ଗଣେଶ ମଧ୍ୟରେ ଅପରାହ୍ଣ ପ୍ରାୟ ୫ଟା ବେଳେ କଥା କଟାକଟି ହୋଇଥିଲା । କ୍ୟାରମ୍ ବୋର୍ଡରେ ପାଣି ଢାଳିବାକୁ ନେଇ ଏହି ବିବାଦ ହୋଇଥିଲା । କିଟୁ ପାର୍ଟି କରିବାରୁ ଗଣେଶ ତାଙ୍କୁ ଗାଳିଗୁଲଜ କରିଥିଲେ । କିଟୁ ଅଣ୍ଟାରୁ ଏକ ବନ୍ଧୁକ କାଢ଼ି ଗଣେଶଙ୍କୁ ଗୁଳି ମାଡ଼ କରିଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗଣେଶ ଘର ଭିତରେ ପଡ଼ିଯାଇଥିଲେ । କିଟୁ ଏ ସଂକ୍ରାନ୍ତରେ ତାଙ୍କ ଭାଇ ଶକ୍ତିଙ୍କୁ ଜଣାଇଥିଲେ । ଶକ୍ତି ତୁରନ୍ତ ବୟାଳିଶମୌଜା ଥାନା ପୁଲିସକୁ ଅବଗତ କରାଇଥିଲା । ପୁଲିସ ଅପରାହ୍ଣ ପ୍ରାୟ ୫ଟା ୩୦ ବେଳେ ଘଟଣାସ୍ଥଳରେ ପହଞ୍ଚିଥିଲା । ସେତେବେଳକୁ ସେହି ଘରେ କିଟୁ ଗଣେଶଙ୍କ ଶବକୁ ଜଗି ବସିଥିଲା । ସାଇଣ୍ଟିଫିକ୍ ଟିମ୍ ଓ ପୁଲିସ ପହଞ୍ଚି ତନାଘନା କରି ଏକ ଦେଶୀ ପିସ୍ତଲ ଓ ଖାଲି କ୍ୟାଟ୍ରିଜ୍ ଜବତ ହୋଇଛି । ଗଣେଶଙ୍କ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା । ୧୬ ତାରିଖରେ ପୁଲିସ କିଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁଲିସ ତାଙ୍କୁ ଚାରିଦିନିଆ ରିମାଣ୍ଡ ପାଇଁ କୋର୍ଟରେ ଆବେଦନ କରିଛି । ପୁଲିସ ତଦନ୍ତ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜାଣିବାକୁ ପାଇଛି । ମଧୁପାଟଣା ଥାନା ତିନିଘରିଆର ଜଣେ ଅପରାଧୀ ଆଲୁ ସହ କିଟୁର ଭଲ ସମ୍ପର୍କ ଥିଲା । ପ୍ରାୟ ୫ ବର୍ଷ ତଳେ ସେ ମା'କୁ ନେଇ ଭୁବନେଶ୍ୱର ଖଣ୍ଡଗିରି ଯାଇଥିଲା । ଏହି ସମୟରେ ସେ କିଟୁକୁ ବନ୍ଧୁକ ଦେଇ ଯାଇଥିଲା । କିନ୍ତୁ ତାର ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ଏହା ପରଠାରୁ ଏହି ବନ୍ଧୁକ କିଟୁ ନିଜ ପାଖରେ ରଖିଥିବା ପୁଲିସ ସାମନାରେ କହିଛନ୍ତି । ଏହି ବନ୍ଧୁକକୁ କିଟୁଙ୍କ ଅନ୍ୟ ବନ୍ଧୁମାନେ ସେହି ଘରେ ପୂର୍ବରୁ ବି ଦେଖିଥିଲେ । ଗଲା ୧୫ ଦିନ ତଳେ କିଟୁ ଓ ଅନ୍ୟମାନେ ଜଗତସିଂହପୁରର ଗଣେଶଙ୍କ ଘରକୁ ଏକ ପୂଜାରେ ଯୋଗଦେବାକୁ ଯାଇଥିଲେ । ପରସ୍ପର ମଧ୍ୟରେ ପାରିବାରିକ ସମ୍ପର୍କ ଥିବାରୁ ଉଭୟ ଘରକୁ ଯିବାଆସିବା କରୁଥିଲେ । ମଧୁପାଟଣା ଥାନା ରାଜେନ୍ଦ୍ର ନଗର ଅଞ୍ଚଳରେ ଭଡ଼ାଘରେ ସେ ପତ୍ନୀ ଓ ପିଲାଙ୍କ ସହିତ ରୁହନ୍ତି । ଭୁବନେଶ୍ୱରରେ ସ୍ପେୟାର ପାର୍ଟସ୍ ବ୍ୟବସାୟ କରନ୍ତି । ଜଗତସିଂହପୁର ଜିଲ୍ଲା ଏରସମା ଥାନା ଭିରଙ୍ଗ ଅଞ୍ଚଳର ଗଣେଶ ଓରଫ ବିକାଶ ମହାନ୍ତି ମଧୁପାଟଣା ଥାନା ରାଜେନ୍ଦ୍ରନଗର ଅଞ୍ଚଳରେ ଭଡ଼ା ଘରେ ସେ ପତ୍ନୀ ଓ ପିଲାଙ୍କ ସହିତ ରହୁଥିଲେ । ସେ ଭୁବନେଶ୍ୱର ହଂସପାଳରେ ସ୍ପେୟାର ପାର୍ଟସ୍ ବ୍ୟବସାୟ କରନ୍ତି । ଏ ନେଇ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ ମଧୁପାଟଣା ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି ।

# ଏସ୍‌ସିବିରେ ଯୋଡ଼ାହେଲା କଟା ଗୋଡ଼: ଦୁର୍ଘଟଣାରେ ବାଳିକାଙ୍କ ଗୋଡ଼ ଛିଣ୍ଡିଥିଲା

**ବେତନଟୀ, ନ୍ୟୁଜ ବ୍ୟୁରୋ**



ଦୁର୍ଘଟଣାରେ ଛିଣ୍ଡିଗଲା ନାବାଳିକାଙ୍କ ଗୋଡ଼ । ହେଲେ ଜଣେ ଆମ୍ବୁଲାନ୍ସ ଚାଳକ, ବଡ଼ସାହି ବିଧାୟକ ଓ ଏସ୍‌ସିବି ମେଡିକାଲର ଡାକ୍ତରୀଦଳଙ୍କ ଉଦ୍ୟମରୁ ନାବାଳିକା ଜଣକ ନିଜ ଗୋଡ଼ ହରାଇବାରୁ ବର୍ତ୍ତି ଯାଇଛନ୍ତି । ଡାକ୍ତରଖାନାରେ ସଫଳତାର ସହ ତାଙ୍କ କଟା ଗୋଡ଼କୁ ଯୋଡ଼ି ଦିଆଯାଇଛି । ସୂଚନା ଅନୁଯାୟୀ; ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ-କରଞ୍ଜିଆ ଗାଁର ମମତା ସିଂ (୨୫), ଝିଅ ବୈଷ୍ଣବୀ (୮) ଓ ଭଉଣୀ ତପନୀ ସିଂ (୨୨); ସେହି ଗ୍ରାମର ଜଣେ ଯୁବକଙ୍କ ବାଇକ୍‌ରେ ବସି ବେତନଟୀ ଅଭିମୁଖେ ଯାଉଥିଲେ । ତେବେ ୧୮ ନମ୍ବର ଜାତୀୟ ରାଜପଥର ତୁଳସୀଚଉରାଠାରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା । ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ, ବାଇକ୍ ସାମ୍ନାରେ ବସିଥିବା କୁନି ଝିଅ ବୈଷ୍ଣବୀର ବାମ ଗୋଡ଼ଟି ସମ୍ପୂର୍ଣ୍ଣ ଛିଣ୍ଡି ଶରୀରରୁ ଅଲଗା ହୋଇଯାଇଥିଲା । ଏଥିସହ ବାଇକ୍ ଚାଳକ ରାଜ, ପଛରେ ବସିଥିବା ମମତା ଓ ତପନୀ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନା ନେଇଥିଲେ । ଖବର ପାଇ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ଡାକ୍ତରଖାନାରେ ପହଞ୍ଚି କୁନି ଝିଅଟିକୁ ଦେଖିବା ପରେ କଟା ଗୋଡ଼କୁ କେମିତି ଯୋଡ଼ିହେବ, ସେନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ଫୋନ୍‌ରେ କଥା ହୋଇଥିଲେ । ମନ୍ତ୍ରୀଙ୍କ ପରାମର୍ଶକ୍ରମେ ବୈଷ୍ଣବୀଙ୍କୁ କଟାଗୋଡ଼ ସହ ତୁରନ୍ତ କଟକ ଏସ୍‌ସିବି ଡାକ୍ତରଖାନା ନେବାର ବ୍ୟବସ୍ଥା କରାଯାଇଥିଲା । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କଟକରେ ନ ପହଞ୍ଚିଲେ ଏହି ଅସ୍ତ୍ରୋପଚାର ସମ୍ଭବ ହେବନି ବୋଲି ଡାକ୍ତରୀଦଳ କହିଥିଲେ । ତେବେ ବେତନଟୀ ଡାକ୍ତରଖାନାର ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଶିବାଶିଷ ସିଂ କିନ୍ତୁ ହାର ମାନି ନଥିଲେ । ମାତ୍ର ୩ ଘଣ୍ଟା ମଧ୍ୟରେ ବେତନଟୀରୁ କଟକ, ୨ଶହ କିମି ରାସ୍ତା ଅତିକ୍ରମ କରି ବୈଷ୍ଣବୀଙ୍କୁ ଡାକ୍ତରଖାନାରେ ପହଞ୍ଚାଇ ଦେଇଥିଲେ । ସେପଟେ ପୂର୍ବରୁ ପ୍ରସ୍ତୁତ ଥିବା ଡାକ୍ତରୀଦଳ ତୁରନ୍ତ ଅସ୍ତ୍ରୋପଚାର ଆରମ୍ଭ କରିଥିଲେ ଓ ବୈଷ୍ଣବୀଙ୍କ କଟା ଗୋଡ଼କୁ ସଫଳତାର ସହ ଯୋଡ଼ି ପାରିଥିଲେ । ଏବେ କୁନି ଝିଅଟିର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି । ଆଜି ବିଧାୟକ ଶ୍ରୀ ବିଜୁଳି ଏସ୍‌ସିବିରେ ପହଞ୍ଚି ବୈଷ୍ଣବୀଙ୍କୁ ଭେଟିବା ସହ ଅସ୍ତ୍ରୋପଚାର କରିଥିବା ଡାକ୍ତରୀଦଳଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

31 YEARS ସମ୍ବାଦ କଳିକା

# ୩୦ ହଜାର ଭାରତୀୟ ରଖିଛନ୍ତି ବିଦେଶରେ ଟଙ୍କା

ଭାରତୀୟ କରଦାତାମାନେ ବିଦେଶରେ କେତେ ଟଙ୍କା ରଖିଛନ୍ତି ଏହାର ଖୁଲାସା କରିବାକୁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଏକ ବିଶେଷ ଅଭିଯାନ ଚଳାଇଥିଲେ। ଏଥିରେ ୩୦ ହଜାର ଭାରତୀୟ ବିଦେଶରେ ୨୯,୨୦୮ କୋଟି ଟଙ୍କା ରଖିଛନ୍ତି ବୋଲି ଖୁଲାସା କରିଛନ୍ତି। ଅତିରିକ୍ତ ୧୦୯୦ ଟଙ୍କା ଆୟ ରହିଥିବା ଭାରତୀୟ କରଦାତମାନେ ସୂଚନା ଦେଇଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ଏଥିରେ ଜଣାପଡ଼ିଛି ଯେ ଗତ କିଛି ବର୍ଷ ମଧ୍ୟରେ ବିଦେଶରେ ଭାରତୀୟଙ୍କ ସମ୍ପତ୍ତି ବୃଦ୍ଧି ପାଉଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୪ ସେପ୍ଟେମ୍ବର ମାସ ସୁଦ୍ଧା ୩୦,୧୬୧ ଭାରତୀୟଙ୍କର ବିଦେଶରେ ୨୯,୨୦୮ କୋଟି ଟଙ୍କାର ସମ୍ପତ୍ତି ରହିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭାରତ ୧୦୮ରୁ ଅଧିକ ଦେଶରୁ ଆର୍ଥିକ ତଥ୍ୟ ହାସଲ କରିଛି, ଯାହା ବିଦେଶୀ ଆକାଉଣ୍ଟ ଏବଂ ଭାରତ ବାହାରେ ଅର୍ଜିତ ଆୟ, ଯେପରିକି ସୁଧ ଏବଂ ଲାଭାଂଶ ବିଷୟରେ ସୂଚନା ଦେଇଛି। ବିଦେଶରେ ଟଙ୍କା ରଖୁ ସ୍ୱେଚ୍ଛାକୃତ ଘୋଷଣା କରୁଥିବା ନାଗରିକଙ୍କ ସଂଖ୍ୟାରେ ବୃଦ୍ଧି ପାଉଛି। ବିଦେଶରେ ସମ୍ପତ୍ତି ରଖୁଥିବା କରଦାତାଙ୍କ ସଂଖ୍ୟା ୨୦୨୧-୨୨ ଆର୍ଥିକ ବର୍ଷରେ ୬୦ ହଜାର ଥିଲା। ହେଲେ ୨୦୨୪-୨୫ ଏଥିରେ ବୃଦ୍ଧି ଘଟି ୨ ଲକ୍ଷ ୩୧ ହଜାର,୪୫୨ରେ ପହଞ୍ଚିଛି। ବ୍ୟାପକ ସଚେତନତା ଅଭିଯାନ ଏବଂ ଦେଶ ବାହାରେ ପ୍ରୟାସ ଯୋଗୁ ଅଧିକ ସଂଖ୍ୟାକ ସ୍ୱେଚ୍ଛାକୃତ ଭାବେ ବିଦେଶୀ ସମ୍ପତ୍ତି ଘୋଷଣା କରିଛନ୍ତି। ଫଳରେ ୨୦୨୩-୨୪ ତୁଳନାରେ ସ୍ୱେଚ୍ଛାକୃତ ଘୋଷଣାରେ ୪୫.୧୭% ବୃଦ୍ଧି ପାଇଛି। ପ୍ରାରମ୍ଭରୁ କମନ୍ ରିପୋର୍ଟିଂ ଷ୍ଟାଣ୍ଡାର୍ଡ ପ୍ରକ୍ରିୟାକୁ ଗ୍ରହଣ କରିଥିବା ଦେଶମାନଙ୍କ ମଧ୍ୟରୁ ଭାରତ ହେଉଛି ଗୋଟିଏ। ଏହି ପ୍ରକ୍ରିୟା ମାଧ୍ୟମରେ ଭାରତ ୨୦୧୮ ମସିହାରୁ ବିଭିନ୍ନ ଦେଶରୁ ଆର୍ଥିକ ସୂଚନା ହାସଲ କରିଆସୁଛି। ୧୨୫ ରୁ ଅଧିକ ଦେଶ ଆର୍ଥିକ ତଥ୍ୟର ସ୍ୱୟଂଚାଳିତ ବିନିମୟରେ ଅଂଶଗ୍ରହଣ କରନ୍ତି, ଆକାଉଣ୍ଟ, ବାଲାନ୍ସ, ଲାଭାଂଶ ଏବଂ ମୋଟ ଦେୟ ବିଷୟରେ ବିବରଣୀ ଆଦାନପ୍ରଦାନ କରନ୍ତି। ଏଥିସହିତ, ଭାରତ ମଧ୍ୟ ବୈଦେଶିକ ଆକାଉଣ୍ଟସ୍ ଟିକସ ଅନୁପାଳନ ଆଇନ, ୨୦୧୦ ର ଆନ୍ତଃ-ସରକାରୀ ଚୁକ୍ତିନାମା ଅଧୀନରେ ଆମେରିକା ସହିତ ସମାନ ତଥ୍ୟ ଆଦାନପ୍ରଦାନ କରୁଛି।

# ନିଦର ନିଦାନ ନିଜ ହାତରେ



ଡ. ସାରଦା ପ୍ରସାଦ କର
ପୁରୁଣା ଭୁବନେଶ୍ୱର-୨
ମୋ-୮୨୪୯୮୨୭୧୪୮

ଦେବଶୟନୀ ଏକାଦଶୀ ବା ଆଷାଢ଼ ଏକାଦଶୀ ଠାରୁ ଦେବୋଥାପନା ଏକାଦଶୀ ବା ପ୍ରବୋଧିନୀ ଏକାଦଶୀ ଏହି ଚତୁଃମାସ ବିଷ୍ଣୁଙ୍କର କ୍ଷୀରସାଗରରେ ଶେଷନାଗଙ୍କ ଉପରେ ଶୟନ। ନିଜେ ସୃଷ୍ଟିର ପ୍ରାଣକର୍ତ୍ତା ତ୍ରାଣକର୍ତ୍ତା ଶୟନ ଯିବେ ସୃଷ୍ଟି ରହିବ କେମିତି ! ହେଲେ ହରିଶୟନ ଅବସ୍ଥା ଯୋଗ ନିଦ୍ରା (ଇଂରାଜୀରେ କସମିକ ସ୍ଲିପ) ହୋଇଥିବାରୁ ହରିଙ୍କର ସମସ୍ତ ଶକ୍ତି ବ୍ରହ୍ମାଣ୍ଡକୁ ଅଧିକ ଆକର୍ଷଣ କରିଥାଏ ଯେମିତି କୃଷ୍ଣଗର୍ତ୍ତ ସବୁ ସତ୍ତାକୁ ନିଜ ଭିତରକୁ ଟାଣି ନେଇପାରେ। କୋଟି ବ୍ରହ୍ମାଣ୍ଡର କେନ୍ଦ୍ରସ୍ଥଳ ସୂକ୍ଷ୍ମ ନାଭିକ ଯାହାକୁ ହରିଙ୍କର ବିନ୍ଦୁ ସ୍ୱରୂପ ସ୍ଥିତାବସ୍ଥା କୁହାଯାଏ। ପରମ ପିତାଙ୍କ ନିଦ୍ରାବସ୍ଥା କଥା ଖ୍ରୀଷ୍ଟ ବିଶ୍ୱାସରେ ବର୍ଣ୍ଣିତ ଅଛି। ନିଦକୁ ନେଇ ପବିତ୍ର କୋରାନ କହେ ଏହା ପ୍ରଭୁ ଆହ୍ଲାଙ୍କ ବରଦାନ। ଜୀବ ଜଗତର ମଙ୍ଗଳ ନିମିତ୍ତ ଆହ୍ଲା ଶୟନ ସୃଷ୍ଟି କରିବା ସହ ଶୟନର ସମୟ ନିର୍ଘଣ୍ଟ କରିଛନ୍ତି। ଏକ ସୁନ୍ଦର ଶୟନର ଦରଜା ଆମକୁ ଶମନ (ଯମପୁର) ଠାରୁ ସୁରକ୍ଷା ଦେଇଥାଏ। ପୁଣ୍ୟବ୍ରତା ଶ୍ରୀମା ଓ ପୁଣ୍ୟପାଦ ଅରବିନ୍ଦ ଜୀବନର ଶେଷଭାଗ ଶୋଇନଥିବା କଥା ଆଧ୍ୟାତ୍ମିକ ଜାଗରଣର କଥା ହୋଇପାରେ। ଚଉଦ ବର୍ଷ ବନବାସ କାଳରେ ପ୍ରଭୁ ଲକ୍ଷ୍ମଣ ପଲକ ପକେଇ ନଥିବା କଥା ଭକ୍ତି ଯୋଗର ଉଚ୍ଚତର ସୋପାନ କଥା କୁହାଯାଇପାରେ। ହେଲେ ଆମେ ସାଧାରଣ ମଣିଷ ପାଇଁ ଦୈନିକ ଅନ୍ୟୁନ ଆଠଘଣ୍ଟାର ନିଦ ଏକାନ୍ତ ଜରୁରୀ। ଗୋଟିଏ କଳ୍ପ ଭୋଗ ହେବାପରେ ବ୍ରହ୍ମା ଶୋଇବାକୁ ଯାଆନ୍ତି। ପ୍ରଳୟଙ୍କରୀ ଅନ୍ଧାର ମାଡିଆସେ ବୋଲି ହିନ୍ଦୁ ଶାସ୍ତ୍ର ବର୍ଣ୍ଣନା ଏକ ଦୁର୍ଲଭ ଅବତାରଣା। ସୀମିତ ଆୟୁର ସଂସ୍କରଣ ଶରୀର ଲାଗି ନିଦ ଏକ ଅମୂଲ୍ୟ ସମ୍ପତ୍ତି। ପ୍ରଫେସର ମାଥ୍ୟୁ ଓ୍ୱାକରଙ୍କ ପୁସ୍ତକ 'ହ୍ୱାଇ ଉଇ ସ୍ଲିପ' ବା 'କାହିଁକି ଆମେ ଶୋଇବା' ପଢି ନିଦ ସାଉଁଟି ପାରୁନଥିବା ମଣିଷ ବୋକା ନୁହେଁ ଆଉ କଅଣ ? ଅଯଥା ଚିନ୍ତାରୁ ଅନିଦ୍ରା ପରେ ନିଜକୁ ଅଳ୍ପାୟୁଷ କରି ମଣିଷ ରୋଗ କିଣିବାର ମାନେ କିଛି ନଥାଏ। ସମସ୍ତେ ଆବଶ୍ୟକ ନିଦର ସଂକଳ୍ପ ନିଅନ୍ତୁ; ଶୀଘ୍ର ଶଯ୍ୟାକୁ ଯିବା ଆଉ ବ୍ରାହ୍ମମୁହୂର୍ତ୍ତରେ ନିଦ୍ରା ତେଜିଲେ ଶରୀର ରୋଗମୁକ୍ତ ହେବା ସହ ମଣିଷ ଅଲୌକିକ ଚେତନାର ଅଧିକାରୀ ହୋଇପାରିବ।

ଭାଗ୍ରାନ୍ସି ଆକ୍ଟ-୧୮୨୪, ଯାହା ଇଂଲଣ୍ଡ ଓ ୱେଲସରେ 'ରଫ ସ୍ଲିପିଙ୍ଗ' (ଅବ୍ୟବସ୍ଥିତ ଶୋଇବା)କୁ ବିରୋଧ କରେ। ଏଭଳି ଯାଯାବର ଶୋଇବା ପାଇଁ ୧ହଜାର ପାଉଣ୍ଡ ଜରିମାନା ଆଇନରେ ଅଛି। ୧୮୨୨ ମସିହାରେ ବ୍ରିଟେନ ସଂସଦ ଏଭଳି ଆଇନର ଆଉ ଆବଶ୍ୟକତା ନଥିବା ଅନୁଭବ କରି ଯେଉଁ ମତାମତ ଲୋଡିଲେ ତାହା ପ୍ରଭାବ ଶୂନ୍ୟ। ଅର୍ଥାତ ବ୍ରିଟେନରେ ଏବେବି ବେଘର ଲୋକ ରାସ୍ତା ପାର୍ଶ୍ୱରେ ଏଣେତେଣେ ଶୋଉଛନ୍ତି। ଲଣ୍ଡନ ରାଜରାସ୍ତାରୁ ଭିକାରୀ ଶୋଇବା ଅନ୍ତର କରିଦେଲେ ଯେ ଅନ୍ୟ ସ୍ଥାନରେ ଅବ୍ୟବସ୍ଥିତ ନିଦ୍ରାଧାରୀ ମାନଙ୍କୁ ଦେଖିବାକୁ ମିଳୁନଥିବ ଭାବିବା ଭୁଲ। ଧନୀ ଦେଶ ହେଉ ଅବା ଉପ-ସାହାରା ଗରିବ ଦେଶ, ସମସ୍ତ ଦେହଧାରୀଗଣ ନିଦର ହକଦାର। ଆମେରିକାର ତଳ କୋର୍ଟଙ୍କ ରାୟ, ସର୍ବସାଧାରଣ ସ୍ଥାନରେ ବେସାହାରା ଶୋଉଥିବା ଲୋକଙ୍କୁ ସ୍ଥାନାନ୍ତର କି ଜରିମାନା କରିବା ନିର୍ଦ୍ଦୟ ଭାବନା। ଯାହା ଉପରେ ସର୍ବୋଚ୍ଚ ଅଦାଲତ ରୋକ ଲଗାଇଲେ ଜୁନ ୨୦୨୪ରେ। ସମାଲୋଚକଙ୍କ ମତରେ ଦେଶରେ ଏଭଳି ଲଗାମ ଦ୍ୱାରା ନିରାଶ୍ରିତ ଲୋକଙ୍କ ଶୋଇବା ଉପରେ ଜରିମାନା ବଢିବ ଆଉ କେତେକ ମନ୍ଦ ଉଦ୍ଦେଶ୍ୟଧାରୀ ଟୋକେନ ବ୍ୟବସ୍ଥାକରି ମାଲାମାଲ ହେବେ। ଦେହ ଅଛି ମାନେ ଲୋକେ ଶୋଇବେ। ସରକାର ବାସହରାଙ୍କୁ ବାସ ଯୋଗାନ୍ତୁ। ଭାରତରେ ପିଠି ସାଉଁଳା ଭଳି ସମ୍ବିଧାନର ଧାରା-୨୧ (ନିରାପଦ ଶୋଇବା କ୍ଷେତ୍ରରେ ସମାନତା ଅଧିକାର)ସେଭଳି କିଛି ଫରକ ଆଣିପାରୁନି। ପ୍ଲାଟଫର୍ମ, ବସଷ୍ଟାଣ୍ଡ, ପାର୍କ କି ସର୍ବସାଧାରଣ ସ୍ଥାନରେ ଖୋଲା ଆକାଶ ତଳେ ଶୋଉଥିବା ଲୋକଙ୍କ ଯୋଗୁ ବେଶ୍ୟାବୃତ୍ତି ଓ ରାହାଜାନି ବଢୁଛି। ପର୍ଯ୍ୟାପ୍ତ ହେଉନଥିବା କେଇଟା ସରାଇ ବା ବିଶ୍ରାମ ଗୃହ ଭିତରେ ମଧ ଶୋଇବା ନିରାପଦ ନୁହେଁ। ସେପ୍ଟେମ୍ବର ୨୦୨୨, ସାରା ପାକିସ୍ତାନରେ ବନ୍ୟା ବିପ୍ରାତର ଛଅ ମାସ ପରେ 'ଦି ଗାର୍ଡିଆନ' ରିପୋର୍ଟରେ ପ୍ରକାଶ ପାଇଲା ଯେ ଭୋକ ଆଉ ଖୋଲା ଆକାଶ ତଳେ ଶୋଇବା ଲୋକଙ୍କ ବିକଳ ଚିତ୍ର ଭୟଙ୍କର। ୧୬ ଅଗଷ୍ଟ, ୨୦୨୩, ମୁସଲମାନ ମୌଲବାଦୀଙ୍କ ଦଙ୍ଗାରେ ଜରନବାଲା, ଫଇସଲାବାଦର ଆଖୁ କିଆରୀରେ ଲୁଚିଥିବା ହଜାର ହଜାର କାଥୋଲିକ ଖ୍ରୀଷ୍ଟିଆନଙ୍କ କଥା ହେଉ ବା ପାକ-ଆଫଗାନ ତୋରଖାମ ସୀମାରେ ୧.୩ ମିଲିଅନ ଖୋଲା ଆକାଶ ତଳ ଶରଣାର୍ଥୀ ହୁଅନ୍ତୁ ସମସ୍ତଙ୍କୁ ସୁନିଦ୍ରା ବ୍ୟବସ୍ଥା ଆଲ୍ହା କି ଯୀଶୁ କରିବେ କହି ସରକାର ନିଦରେ ଶୋଇଲେ ନିନ୍ଦା ପାଇବେ। ସିରିଆରେ ଲେବାନନର ୧.୫ ମିଲିଅନ ଆଶ୍ରୟ ଆଶାୟୀ ଶରଣାର୍ଥୀ, ପ୍ରାଥମିକ ଆଶ୍ରୟ କହିଲେ ନିଦଯିବା ପାଇଁ ସ୍ୱତନ୍ତ୍ର ତମ୍ବୁ ଆଉ ଓଳିଏ ଖାଦ୍ୟ।

ଭାରତରେ ଉଚ୍ଚ ସ୍ୱରରେ 'ଆଜାନ' ଦେଇ ଅନ୍ୟର ପାହାନ୍ତି ନିଦ ଭାଙ୍ଗିବାକୁ ଚେଷ୍ଟିତ ମୁସଲମାନ ଭାଇ ମାନେ ଜାଣନ୍ତି ନାହିଁ ଏହା ନିଜ ସମ୍ପ୍ରଦାୟରେ ଥିବା ବୃଦ୍ଧ-ବୃଦ୍ଧା, ରୋଗୀ କି ବାଳୁତମାନଙ୍କ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଉଚ୍ଚସ୍ୱର ଡାକବାଜି ପ୍ରାର୍ଥନା କିଛି ମୁସଲମାନ ବହୁଳ ଦେଶରେ ବାରଣ ଅଛି। ୬୦୦-୭୦୦ ଶତାବ୍ଦୀ ବେଳକୁ ଇମାମଙ୍କ ବାଣୀକୁ ଜନବିଦିତ କରିବା ପାଇଁ ମାନବ ପୁନଃପ୍ରସାରଣ ବ୍ୟବସ୍ଥା କରାଗଲା। ସ୍ୱରଯନ୍ତ୍ର ଉଦ୍ଭାବନ ପରେ ମଧ ଅନେକ ବର୍ଷ ଯାଏ ଏହା ବିବାଦୀୟ ଥିଲା ଯେ କିଭଳି କଳଯନ୍ତ୍ର ଦ୍ୱାରା ଆଲ୍ଲାଙ୍କ ପ୍ରାର୍ଥନା କରାଯିବ। ପରିଶେଷରେ ଆଲ୍ଲା ହାରିଲେ କଳଗାଉଣା ଜିତିଲା। ସୁଖନିଦ୍ରା ମଣିଷ ପାଖରୁ ଦୂରେଇଲା ଯେବେଠୁ ଗ୍ରହଣୀୟ ହେଲା ଛାତିଥରା ଶବ୍ଦର ପ୍ରାର୍ଥନା। ମେସିନ ହେଲା ମସିଆ। ସୁଖ ନିଦ୍ରା ଭାଙ୍ଗୁ ଥିବାରୁ ବିରୋଧ ହେଲା, ଘଟଣାଟି ନ୍ୟାୟାଳୟଙ୍କ ଆଦେଶକୁ ଅପେକ୍ଷା କଲା। ଭାରତୀୟ ନ୍ୟାୟାଳୟଙ୍କ ଅନୁମତି ଅନୁସାରେ ଘରୋଇ ଅଞ୍ଚଳରେ ସକାଳ ୬ଟାରୁ ରାତି ଦଶଟା ପର୍ଯ୍ୟନ୍ତ ୫୫ ଡେସିବଲ ଶବ୍ଦ ଗ୍ରହଣୀୟ। ସେହିଭଳି ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ୪୫ ଡେସିବଲ ଶବ୍ଦ ଗ୍ରହଣଯୋଗ୍ୟ। ଏହାପରେ ଶବ୍ଦ ପ୍ରଦୂଷଣ ଧାରା ଦଣ୍ଡବିଧାନ କାର୍ଯ୍ୟକାରୀ ହେବ। ମୁସଲିମ୍ ମାନଙ୍କର ପ୍ରାର୍ଥନା 'ଆଜାନ' ନେଦରଲାଣ୍ଡସ, ଜର୍ମାନୀ, ସ୍ୱିଜରଲାଣ୍ଡ, ଫ୍ରାନ୍ସ, ୟୁନାଇଟେଡ଼ କିଙ୍ଗଡମ, ଅଷ୍ଟ୍ରିଆ, ନରଓ୍ୱେ ଏବଂ ବେଲଜିଅମ ଆଦି ଦେଶରେ ବାରଣ ଅଛି। ଲାଗୋସ ପରି କେତେକ ସହର, ଆମେରିକା ମିଚିଗାନର କିଛି ଗୋଷ୍ଠୀଙ୍କର ସ୍ୱତନ୍ତ୍ର ନିଷେଧାଜ୍ଞା ରହିଛି ମସଜିଦରେ ଲାଉଡ଼ସ୍ପିକର ବ୍ୟବହାର କରିବାକୁ। ଏହାର ମୂଳ କାରଣ ଧର୍ମୀୟ ପାତରଅନ୍ତର ନୁହେଁ ବରଂ ଲୋକଙ୍କ ମାନସିକ ସ୍ତର ନିୟନ୍ତ୍ରଣରେ ରଖିବା, ଉତ୍ତମ ନିଦ୍ରାଧାରୀଙ୍କ ଶୋଇବାରେ ବ୍ୟାଘାତ ନପହଞ୍ଚାଇବା। ମନ୍ଦିର, ମଠ କି ଗୀର୍ଜା ମଧ ସମାନ ଆଇନର ଅନୁପାଳନ କରିବେ। ଆକାଶବାଣୀ ସ୍ୱର ବିଷାରଦ ପ୍ରଣବ ପଟ୍ଟନାୟକଙ୍କ କଣ୍ଠରୁ ଓଡ଼ିଆ ଭଜନ - 'ରେ ଆତ୍ମନ୍ ! ନିଦ୍ରା ପରିହରି। ଫେଡି ଚିନ୍ତାର ଲୋଚନ କର କର ନିରୀକ୍ଷଣ, ନିଃଶବ୍ଦେ ଜୀବନସ୍ରୋତ ଧାଉଁଛି କିପରି ଭେଟିବାକୁ ମୃତ୍ୟୁ-ସିନ୍ଧୁ-କରାଳ-ଲହରୀ' ଶୁଣି କାଳସ୍ମର ହୁଏ ମଣିଷ। କାଳ ସିନ୍ଧୁର ସ୍ରୋତ ମଧ୍ୟକୁ ଜୀବନ ଲମ୍ଫ ଦେଉଛି ବାରମ୍ବାର। ଆତ୍ମାର ନିଦ ଭାଙ୍ଗି ପରମାତ୍ମାଙ୍କ ଲୟରେ ଆସିବାକୁ ଭଜନ ମାଧ୍ୟମରେ ନିବେଦନ, ଚପଳ ବୟସର ଅବୁଝା ଅବୋଲକରା ମନ ବୁଝିପାରୁ ନଥିଲା ସେତେବେଳେ। ଭଜନ ସମ୍ରାଟଙ୍କ କଣ୍ଠରୁ 'କୋଠ ଭୋଗଖିଆ.. ଉଠହେ ପହୁଡ଼ି ଭାଙ୍ଗି' ଶୁଣୁଶୁଣୁ ଜଗନ୍ନାଥଙ୍କ ମୁହଁ ଦିଶେ। ପିଲାଳିଆ ମନର ଏରୁଣ୍ଡି ଭିତରକୁ ପଶିପାରୁ ନଥିଲା ଯେ କାହିଁକି ପଣ୍ଡା ପଡ଼ିଆରୀ ଗୁହାରିଆ ହୋଇ ତୁଣ୍ଡଫିଟା ବଳ କଷନ୍ତି ଚକାନୟନଙ୍କ ପହଡ଼ ଭାଙ୍ଗି ନିଦରୁ ଉଠିବାକୁ। ନିଦର ତ ଆବଶ୍ୟକତା ଅଛି। ବୋଧହୁଏ ମଣିଷ ଘଣ୍ଟେ ଅଧିକ ଶୋଇଗଲେ ଚଳିବ ହେଲେ ଜଗତପିତାଙ୍କ ନିଦ୍ରା ପଲକେ ଅଧିକ ହେଲେ ସଂସାର ଉଚ୍ଛନ୍ନ ହେଇଯିବ।

ନିଦ୍ରା ଦେବୀଙ୍କୁ ଆରାଧନା କରି ଲକ୍ଷ୍ମଣ ପ୍ରସନ୍ନ କଲେ। ମାଗିଲେ ବନବାସ କାଳୀନ ନିଦ୍ରାହୀନ ଯୋଗ। ମୃତ୍ୟୁ ପରି ନିଦ ସବୁ ଜୀବଙ୍କ ସହଚର। ନିଦ୍ରାଦେବୀ କହିଲେ ଏହା କିପରି ସମ୍ଭବ ! କିନ୍ତୁ ଗୋଟିଏ ବାଟ ଅଛି, ଯଦି ତୁମ ସ୍ତ୍ରୀ ରାଜିହେବେ ସେତିକି ଦିନ ନିଜେ ଶୋଇବାକୁ ତେବେ ତୁମକୁ ମୁଁ ଏ ବର ଦେବି। ଶେଷଦେବ ଲକ୍ଷ୍ମଣ ଭାଇ ଭାଉଜଙ୍କ ସୁରକ୍ଷା ପ୍ରହରୀ ଭାବରେ ଯେତେବର୍ଷ ଶୋଇବେନି ସେତେ ବର୍ଷ ଉର୍ମିଳା ଶୋଇବେ। ଉର୍ମିଳା ରାଜିହେଲେ, ରାଜମହଲର ଐଶ୍ୱର୍ଯ୍ୟକୁ ଆଖି ବୁଜିଦେଇ ଶଯ୍ୟାଶାୟୀ ହବାକୁ। ଜଳଚର ମାନେ ଶୁଅନ୍ତି, ଆଖି ପତା ନଥାଇ ବି ମାଛ ଶୁଏ। ତିମି ମାଛ ପାଣି ଉପରେ କାଠ ଭାସିଲା ପରି ଶୁଏ ଆଉ ସେହି ସମୟରେ ତା' ମସ୍ତିଷ୍କ କୋଷର ଅଧା ଅଂଶ ଶୋଇପଡିଥାଏ। ଶୋଇକରି ଗତିଶୀଳ ହେବାରେ ଡଲଫିନ ଅଭ୍ୟସ୍ତ। ନିଶ୍ୱାସ ଚାଲୁଥାଇ ଏଭଳି ଶୋଇବାକୁ ୟୁନିହେମିସ୍ଫିଅରିକ ସ୍ଲୋ ଓ୍ୱେଭ ସ୍ଲିପ (ୟୁଏସଡବ୍ଲ୍ୟୁଏସ) କୁହାଯାଏ। ଫ୍ରିଗେଟ ବାର୍ଡ, ଆଲବାଟ୍ରୋସ , ବର୍ଣ୍ଣ ସ୍ୱାଲୋ, ଆଲପିନ ସ୍ୱିଫ୍ଟ ଆଦି ପକ୍ଷୀ ଡେଣା ବାଡେଇ ଉଡିବା ହେଉ କି ଉଚ୍ଚ ଆକାଶରେ ଉଠିବାବେଳେ ହେଉ ପଡିଯିବାର ଭୟ ନଥିବାରୁ ଆରାମରେ ଶୋଇଯାଆନ୍ତି। ଆଲବାଟ୍ରୋସ ଆକାଶରେ ଡେଣା ଦୁଇଟିକୁ ପରସ୍ପର ସହ ଛନ୍ଦି ଶୋଇପଡେ। ଦୀର୍ଘ ଯାତ୍ରାରେ ଲମ୍ବା ଡେଣାଟିକୁ ସାମାନ୍ୟ ପହଁରି ଆଣିଲେ କମ ଶକ୍ତିରେ ବେଶି ବାଟ ଯାଇହୁଏ। ବିନା ରହଣୀରେ ଦୁଇ ଶହ ଦିନିଆ ଯାତ୍ରାରେ ସଫଳ ଆଲପିନ ସ୍ୱିଫ୍ଟ, ବାଟଟିକୁ ଆରାମ ଶୋଇବା ସହ ଶେଷକରେ। (କ୍ରମଶଃ...)

# ପଖାଳ ମହାତ୍ମ୍ୟ



କାଳିକିଙ୍କର ଦାସ
ସୌଭାଗିନୀ ନିବାସ, ରଟିଲୋ,
ରେଂଚ, ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭ ।

୨୦୧୧ ମସିହାରୁ ଆମ ଦେଶରେ ପଖାଳ ଦିବସ ପାଳନ ହୋଇ ଆସୁଛି । ତେବେ ପଖାଳ ବିଶେଷ ଭାବରେ ଓଡିଆ ମାନଙ୍କର ପ୍ରିୟ ଖାଦ୍ୟ । ତେବେ ଓଡିଆଙ୍କ ବ୍ୟତୀତ ପଖାଳକୁ ମୁଖ୍ୟ ଖାଦ୍ୟଭାବରେ ଆଦିବାସୀମାନେ ସେବନ କରନ୍ତି। ପଖାଳ ପଶ୍ଚିମ ବଙ୍ଗ, ଛତିଶଗଡ, ମଧ୍ୟ ପ୍ରଦେଶ, ଝାଡଖଣ୍ଡ ଅଂଚଳର ଲୋକମାନେ ମଧ୍ୟ ବର୍ଷର ଅଧିକାଂଶ ସମୟ ଖାଦ୍ୟଭାବରେ ଗ୍ରହଣ କରନ୍ତି। ଭାରତ ଯେହେତୁ ଏକ ଗ୍ରୀଷ୍ମ ପଧାନ ଦେଶ ଓ ଭାରତର ପ୍ରଧାନ ଖାଦ୍ୟ ଶସ୍ୟ ହେଲା ଧାନ ବା ଚାଉଳ ତେଣୁ କୁହାଯାଏ ଯେ ପଖାଳକୁ ସେଥିପାଇଁ ଲୋକେ ଅଧିକ ମାତ୍ରାରେ ଗ୍ରହଣ କରନ୍ତି । ଏକଥାର ମଧ୍ୟ ଯଥାର୍ଥ ପ୍ରମାଣ ରହିଛି ଯେ ଉତ୍ତର ଆମେରିକା ଓ ୟୁରୋପର ଲୋକେ ମଧ୍ୟ ପଖାଳକୁ ଖାଦ୍ୟଭାବରେ ଗ୍ରହଣ କରନ୍ତି । ତେବେ ପଶ୍ଚିମ ଦେଶରେ ମାର୍ଚ୍ଚମାସ ବେଳକୁ ଥଣ୍ଡା ପଡୁଥିବାରୁ ସେଠାରେ ମାର୍ଚ୍ଚ ମାସ ୨୦ ତାରିଖକୁ ପଖାଳ ଦିବସ ଭାବରେ ପାଳନ ହୁଏନାହିଁ ବରଂ ଏହା ଜୁଲାଇ ୧୩ ତାରିଖରେ ଆନ୍ତର୍ଜାତୀୟ ପଖାଳ ଦିବସ ଭାବରେ ପାଳନ ହୁଏ ।

ପଖାଳ ବୋଇଲେ ଏକ ଏମିତି ଏକ ଖାଦ୍ୟ ତାହା ଚାଉଳ ବା ଭାତ ସହ ପାଣି ମିଶାଇ ପ୍ରସ୍ତୁତ ହୁଏ । ଚାଉଳ ସହ ଯେଉଁପାଣି ରହିଥାଏ ତାକୁ ଓଡିଆରେ ତୋରାଣୀ ବୋଲି ମଧ୍ୟ କୁହାଯାଏ । ଶ୍ରୀକ୍ଷେତ୍ର ପୁରୀ ଅର୍ଥାତ୍ ଜଗନ୍ନାଥ ଧାମରେ ଟଙ୍କ ତୋରାଣୀ ବହୁତ ଶ୍ରଦ୍ଧାର ସହ ଲୋକେ ଗ୍ରହଣ କରନ୍ତି । ଏହା ବହୁତ ସୁସ୍ୱାଦୁ । ଯେମିତି ସାଗର ମନ୍ଥନରୁ ଯେଉଁ ଅମୃତ ବାହାରିଥିଲା ଓ ଦେବତାମାନେ ତାକୁ ନେଇ ପଳାଉଥିଲେ ସେତେବେଳେ ସାଗର କୂଳରେ ଉପସ୍ଥିତ ଥିଲେ ଉତ୍କଳ ପ୍ରଦେଶର ଅସଂଖ୍ୟ ନରନାରୀ । ସେମାନେ ବାଟ ଓଗାଳିଲେ ଓ କହିଲେ ଯଦି ଆମକୁ ମଧ୍ୟ ସେହି ଅମୃତର ସ୍ୱାଦ ନ ଦେବ ତେବେ ଆମେ ତୁମମାନଙ୍କୁ ଏଠାରୁ ଯିବାକୁ ଦେବୁନାହିଁ । ତେଣୁ ମାତା ଲକ୍ଷ୍ମୀଙ୍କର ଆବିର୍ଭାବ ହେଲା ଓ ସେ ବୁଝିଲେ ଦେବ ଓ ମାନବଙ୍କର ସମସ୍ୟା । ଦେବତାମାନେ ମାତା ଲକ୍ଷ୍ମୀଙ୍କୁ ସାହାଯ୍ୟ ମାଗିଲେ ଓ କହିଲେ ହେ ମାତେଃ, ଆପଣହିଁ ଏ ମାନବଙ୍କର ସମସ୍ୟା ସମାଧାନ କରନ୍ତୁ ନଚେତ୍ ଆମେ ଏଠାରେ ଧରାପଡିଯିବୁ ଦାନବଙ୍କ ହାତରେ ଓ ସେମାନେ ଏ ଅମୃତ ଛଡାଇନେବେ । ଆମକୁ ଶୀଘ୍ର ଏଠାରୁ ପ୍ରସ୍ଥାନ କରିବାର ଅଛି । ମାତା ଲକ୍ଷ୍ମୀ ମାନବମାନଙ୍କୁ କହିଲେ ହେ ମୋର ପ୍ରିୟ ସନ୍ତାନଗଣ, ତୁମକୁ ମୁଁ କାଳକାଳ ପାଇଁ ଅମୃତର ସ୍ୱାଦ ଚଖେଇବି । ଏଇ ନିଅ ଖାଦ୍ୟରେ ଭୋକ ମେଣ୍ଟାଅ ଓ ଏ ଅମୃତରେ ତୁମର ତୃଷା ।

ମାତା ଲକ୍ଷ୍ମୀ ସେଦିନ ଏ ପୃଥିବୀର ଧନୀ, ନିର୍ଦ୍ଧନ ସମସ୍ତଙ୍କୁ ଯେଉଁ ଅମୃତର ସ୍ୱାଦ ଦେଇଥିଲେ ତାହାଥିଲା ପଖାଳ ଓ ତୋରାଣୀ । ଆନନ୍ଦବଜାରରେ ମିଳୁଥିବା ଟଙ୍କା ତୋରାଣୀ ସେହି ଅମୃତସ୍ୱାଦର କାହାଣୀ କହେ । ପଖାଳକୁ କେତେପ୍ରକାରରେ ଖିଆଯାଏ । ଆଜିକାଲି ବଡବଡ ହୋଟେଲରେ



ମଧ୍ୟ ଓଡିଆଙ୍କର ଏହି ପ୍ରିୟ ଖାଦ୍ୟ ଆଦରର ସହ ସମସ୍ତେ ଖାଆନ୍ତି । ପଖାଳ କେବଳ ଭୋକ ମେଣ୍ଟାଏ ନାହିଁ ଏହା ତୃଷା ମଧ୍ୟ ନିବାରଣ କରେ । ପଖାଳ ଏମିତି ଏକ ସହଜ ଓ ସାଧାରଣଭାବରେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ଯାହାକୁ ଖୁବ୍ କମ୍ ଖର୍ଚ୍ଚରେ ପ୍ରସ୍ତୁତ ହୁଏ । ପଖାଳକୁ ଗରିବଲୋକେ କେବଳ ଲୁଣ ବା ଲଙ୍କା ନେଇ ଖାଇପାରନ୍ତି । ପଖାଳ ଗରିବର ଭୋକ ସହଜରେ ମେଣ୍ଟାଇ ଦିଏ । ପଖାଳର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ କହିଲେ ଚଳେ । ପଖାଳ ଖାଇ ରୋଗରେ ପଡିଥିବା କଥା ଏ ସଂସାରରେ କେବେ ଶୁଣାଯାଇନାହିଁ । ଗ୍ରୀଷ୍ମକାଳରେ ଭାତରେ ପାଣି ମିଶାଇ ଓ ସେଥିରେ ଲେମ୍ବୁ କି ଦହି ଟିକିଏ ମିଶାଇ ସାମାନ୍ୟ ଆଳୁ ଚକଟା ବା ଶାଗଲଗାଇ ଖୁସିରେ ଖାଇ ହୁଏ । ଜଣେ ପଖାଳ ସହ ବିଭିନ୍ନ ପନିପରିବାର ଭଜା, ବିଭିନ୍ନ ପ୍ରକାରର ଶାଗ, ପତ୍ରପୋଡା, ବାଇଗଣ, ଆଳୁ ଆଦି ପନିପରିବାର ଚକଟା, ଦହି ଆଦି ସହ ଖାଇପାରନ୍ତି । କାକୁଡି, ପିଜୁଳି ଆଦି ସହ ମଧ୍ୟ ପଖାଳ ଖାଇ ହୁଏ । ଘରର ମହିଳାମାନେ ବଳକାଭାତକୁ ଫିଙ୍ଗି ନ ଦେଇ ସେଥିରେ ପଖାଳ ପ୍ରସ୍ତୁତ କରନ୍ତି ଓ ତାକୁ ପରବର୍ତ୍ତୀ ସମୟରେ ଖାଇବାକୁ ଦିଅନ୍ତି । ଭାରତୀୟ ବା ଓଡିଆ ସାମାଜିକ ଜୀବନରେ ପଖାଳର ମହତ୍ତ୍ୱ ବେଶ୍ ଅଧିକ । ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ପଖାଳ ବିଶେଷ ଗରୁତ୍ୱ ବହନ କରେ । ଜଣେ ଗରିବ ଲୋକ ପଖାଳ କରି ପରିବାରର ସମସ୍ତଙ୍କ ପେଟ ପୂରଣ କରିପାରେ ।

ଭାରତରେ ବସବାସ କରୁଥିବା ଆଦିବାସୀମାନେ ତାଙ୍କର ପ୍ରଧାନ ଖାଦ୍ୟଭାବରେ ପଖାଳକୁ ଗ୍ରହଣ କରିଛନ୍ତି । ବିଭିନ୍ନ ଉତ୍ସବରେ ସେମାନଙ୍କର ପଖାଳ ହାଣ୍ଡିଆ ସେବନ ହୁଏ । ପଖାଳରୁ ତିଆରି ହାଣ୍ଡିଆକୁ ସେମାନେ ଏକ ପାନୀୟଭାବରେ ମଧ୍ୟ ଗ୍ରହଣ କରିଥାଆନ୍ତି । ସମ୍ପ୍ରତି ଏକ ଖବରରୁ ଜଣାଯାଇଛି ଯେ ଆଫ୍ରିକୀୟ ଦେଶର ଆଦିମ ଆଦିବାସୀମାନଙ୍କ ସମୟରୁ ଏଯାବତ୍ ପଖାଳ ସେ ଦେଶରେ ମଧ୍ୟ ଖାଦ୍ୟଭାବରେ ଗ୍ରହଣ କରାଯାଇଛି । ତେବେ ଆମ ଓଡିଶାରେ ପ୍ରଥମେ ପଖାଳ ବ୍ୟବହାର ହୋଇଥିଲାବୋଲି ମାଦଳାପାଞ୍ଜି ଓ ଅନ୍ୟାନ୍ୟ ପୁରାଣରୁ ସନ୍ଧାନ ମିଳିଛି । ପଖାଳକୁ ଓଡିଆଙ୍କର ଜାତୀୟଖାଦ୍ୟ ଭାବରେ ମଧ୍ୟ ବିବେଚନା କରାଯାଏ । କଥାରେ ଅଛି- ପଖାଳ ଭାତ ଅଟେ ଅମୃତ ନ ଖାଇବା ଲୋକ ବାବୁନା ଭୁତ । ଆହୁରି ମଧ୍ୟ କୁହାଯାଏ- ତୋରାଣୀ ମୁନ୍ଦାଏ ଆନନ୍ଦ ବଜାରୁ ପିଇନାହିଁ ଯେଉଁ ଜନ, ଜଗତରେ ସିଏ ଅଧମପଣରେ ହୋଇଥାଏ ସଦା ଗଣ୍ୟ । ତେଣୁ ଏକଥା ସ୍ୱୀକାର କରିବାକୁ ପଡିବ ଯେ ପଖାଳ ଦିମସର ମହାତ୍ମ୍ୟ ଆଜି କେବଳ ଓଡିଶାରେ ନୁହେଁ ସାରା ବିଶ୍ୱରେ ପ୍ରତିପାଦିତ ହେବାକୁ ଯାଉଛି । ଶୁଦ୍ଧ ପାଣିରେ ଭାତକୁ ପଖାଳକରି ଖାଇବା ସବୁବେଳେ ଦେହପ୍ରତି ବେଶ୍ ନିରାପଦ ଭୋଜନ । ପଖାଳ କଂସାଏଁ ଯିଏ ଖାଇଲା- ରାଇଜଟା ସାରା ବୁଲି ଅଇଲା । ଏ କଥା ଆଜି ଯଥେଷ୍ଟ ଗୁରୁତ୍ୱ ବହନ କରୁଛି ଯେ ପଖାଳର ଆମେ କେମିତି ଅଧିକ ପ୍ରଚାର ପ୍ରସାର କରିବା । ଓଡିଶାର ଏହି ପଖାଳ କଂସା ଏକ ବିଶେଷ ଖାଦ୍ୟତାଲିକାରେ ସାମିଲ ହୋଇ ସାରିଲାଣି ଓ ଆଗକୁ ମଧ୍ୟ ହେବ ।

# ସଫଳ ଚିକିତ୍ସକରୁ ସଫଳ ରାଜନେତା



ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର
୯୯୩୮୧୧୩୨୨୬

ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡ଼.ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକ ହୋଇଯାଇଛି । ବିଭିନ୍ନ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ସେ ବେଶ ଲୋକପ୍ରିୟତା ହାସଲ କରିଥିଲେ। ଡାକ୍ତରୀ ତାଙ୍କର ପେଷା ଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ରାଜନୀତି ତାଙ୍କର ନିଶା ପାଲଟିଗଲା। ଚିକିତ୍ସକରୁ ବନିଗଲେ ସଫଳ ରାଜନେତା। ଦେବେନ୍ଦ୍ର ପ୍ରଧାନ ହେଉଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାପା । ବାଜପେୟୀ ସରକାରରେ କେନ୍ଦ୍ରମନ୍ତ୍ରୀ ଥିଲେ । ୧୯୪୧ ମସିହା ଜୁଲାଇ ୧୬ ତାରିଖରେ ଜନ୍ମ ଗ୍ରହଣ କରିଥିବା ଦେବେନ୍ଦ୍ର ପ୍ରଧାନ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ଜନ୍ମଗ୍ରହର କରିଥିଲେ। କଣିହାଁ ଓ ତାଳଚେରରୁ ପ୍ରାଥମିକ ଓ ହାଇସ୍କୁଲ ଶିକ୍ଷା କରିବା ପରେ ଅନୁଗୁଳ କଲେଜରୁ ଉଚ୍ଚଶିକ୍ଷା ହାସଲ କରିଥିଲେ। ସେ ୧୯୬୬ ମସିହାରେ କଟକର ଏସସିବି ମେଡିକାଲ କଲେଜରୁ ଏମବିବିଏସ୍ ଡିଗ୍ରୀ ହାସଲ କରିଥିଲେ।

ଏହାପରେ ତାଳଚେରରେ ଜଣେ ଡାକ୍ତରୀ ଅଧିକାରୀ ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ ଏବଂ ୧୯୭୩ ମସିହାରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ।। ଦେବଗଡ ଲୋକସଭା ଆସନରୁ ସେ ନିର୍ବାଚିତ ହୋଇଥିଲେ । ଏହା ଛଡା ବାଜପେୟୀ ସରକାରଙ୍କ ସମୟରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ୧୯୮୮ରୁ ୧୯୯୩ ରାଜ୍ୟ ବିଜେପି ସଭାପତି ଥିଲେ ଦେବେନ୍ଦ୍ର ପ୍ରଧାନ । ଏହାପରେ ୧୯୯୩ରୁ ୧୯୯୫ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଥିଲେ । ପୁନର୍ବାର ୧୯୯୫ରୁ ୧୯୯୭ ଯାଏଁ ବିଜେପି ସଭାପତି ରହିଥିଲେ । ଦେବଗଡ଼ ନିର୍ବାଚନମଣ୍ଡଳୀରୁ ଲୋକସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଏବଂ ୧୯୯୮ ଓ ୧୯୯୯ରେ ଦୁଇଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିଲେ। କେନ୍ଦ୍ର ସରକାରରେ କେନ୍ଦ୍ର ମନ୍ତ୍ରୀ ଭାବରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ବାଜପେୟୀଙ୍କ ମନ୍ତ୍ରୀମଣ୍ଡଳରେ ଭୂପୃଷ୍ଠ ପରିବହନ ଏବଂ କୃଷି ରାଷ୍ଟ୍ରମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ସେ ଦେବଗଡ଼ ନିର୍ବାଚନ ମଣ୍ଡଳୀରୁ ୧୩ତମ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମଧ ସଦସ୍ୟ ଥିଲେ । ପୂର୍ବରୁ ବାଜପେୟୀଙ୍କ ସରକାରରେ କେନ୍ଦ୍ର ମନ୍ତ୍ରୀ ଭାବେ ନିଜର କାର୍ଯ୍ୟ ତୁଲାଇଥିଲେ କେବଳ ସେତିକି ନୁହେଁ ରାଜ୍ୟ ସଭାପତି ଭାବେ ମଧ ୩ ଥର ନିଜର କାର୍ଯ୍ୟ ତୁଲାଇଥିଲେ । କେବଳ ଏତିକି ନୁହେଁ ପୂର୍ବରୁ ସେ ଦଳରେ ଅନେକ ପଦପଦବୀରେ ରହିଥିଲେ । ଦଳରେ ତାଙ୍କର ଅନେକ ଗୁରୁତ୍ୱ ରହିଥିଲା । ରାଜନୈତିକ ଜୀବନ ଭାରତୀୟ ଜନତା ପାର୍ଟି (ଭାଜପା) ଓଡ଼ିଶାରେ ଦଳର ଅଗ୍ରଗତି ସହିତ ଗଭୀର ଭାବେ ଜଡ଼ିତ। ସେ ଓଡ଼ିଶାର ଜଣେ ପ୍ରଭାବଶାଳୀ ନେତା ଥିଲେ, ଯିଏ ରାଜ୍ୟରେ ଭାଜପାର ମୂଳଦୁଆ ସ୍ଥାପନ ଏବଂ ସଂଗଠନକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

# ଆଗୁଆ ଗ୍ରୀଷ୍ମପ୍ରବାହର ବିପଦ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

କଥାରେ ଅଛି 'ଫାଲଗୁନ-ଚୈତ୍ର ବସନ୍ତରେ' ମୃଦୁ ମଳୟ ବହେ ଧୀରେ'। ଋତୁ ଚକ୍ରରେ ବସନ୍ତ ଋତୁକୁ ଋତୁରାଜ କୁହାଯାଇଥାଏ। ଏଇଥିପାଇଁ ଯେ, ହାଡ ଭଙ୍ଗା ଶୀତ ପରେ ଏବଂ ଦାରୁଣ ଗ୍ରୀଷ୍ମ ପୂର୍ବରୁ ବସନ୍ତ ଋତୁ ଆସିଥାଏ। ଏହି ଋତୁରେ ବୃକ୍ଷରାଜିର କଅଁଳ ପତ୍ର ସାଙ୍ଗକୁ ପରିବେଶ ଜୀବଜଗତକୁ ଅପାର ଆଶ୍ୱସ୍ତି ଦେଇଥାଏ। ଏବେ କିନ୍ତୁ ଫାଲଗୁନ(ମାର୍ଚ୍ଚ) ମାସରେ ଓଡିଶା ସମେତ ସମଗ୍ର ଦେଶରେ ଆଗୁଆ ଗ୍ରୀଷ୍ମ ପ୍ରବାହ କେବଳ ଋତୁଚକ୍ରରେ ବ୍ୟତିକ୍ରମ ଓ ପରିବର୍ତ୍ତନର ସଂକେତ ନୁହେଁ, ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରଭାବ ବୋଲି ନିସନ୍ଦେହରେ କୁହାଯାଇପାରିବ। ଯାହାକି ଅତ୍ୟନ୍ତ ଗମ୍ଭୀର। ଋତୁଚକ୍ରରେ ବ୍ୟତିକ୍ରମ ପ୍ରାକୃତିକ ବ୍ୟବସ୍ଥାର ବିଭ୍ରାଟର ସଂକେତ ଦିଏ। କହିବା ବାହୁଲ୍ୟ ଯେ, ଆମଦେଶରେ ଋତୁଚକ୍ର ପ୍ରତ୍ୟକ୍ଷ୍ୟ ଭାବେ ଜୀବନ ଜୀବିକା, ଅର୍ଥନୈତିକ ସ୍ଥିରତା ଏବଂ ଭାରତର କୃଷି ସମାଜର ମୂଳଦୁଆ ଜଡିତ ଏବଂ ଯାହାକି ଏବେ ସିଧାସଳଖ ଭାବେ ଗୁରୁ ଧମକ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ଋତୁ ଚକ୍ରରେ ପରବର୍ତ୍ତନ ଦ୍ୱାରା ଦେଶର ଅର୍ଥନୀତିର ମେରୁଦଣ୍ଡ ଭାବେ ପରିଚିତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ କ୍ଷତିଗ୍ରସ୍ତ କରିଛି। ଚଳିତ ବର୍ଷ ଜାନୁୟାରୀ ମାସରେ ଉଷ୍ମତା ବୃଦ୍ଧି ଏବଂ ଶୀତର ପ୍ରକୋପ ହ୍ରାସ ଯୋଗୁଁ ଶୀତ ବସ୍ତ୍ରର କିଣାବିକା ଗୁରୁତ୍ୱର ଭାବେ ପ୍ରଭାବିତ ହୋଇଥିବା କୁହାଯାଏ। ଯାହାର ପ୍ରଭାବରେ ଶୀତ ବସ୍ତ୍ର ଉତ୍ପାଦନ ହ୍ରାସ ପାଇବା ସହ ଚାହିଦା ମଧ କମିଛି। ଏପରିକି ଶୀତବସ୍ତ୍ର ଉତ୍ପାଦନକାରୀ ଶିଳ୍ପ ବନ୍ଦ ହେବା ସହ ବହୁ ହୋଲସେଲର ଗୋଦାମ ମଧ ମନ୍ଦ ହୋଇଯାଇଥିବା କୁହାଯାଏ। ସେହିପରି ଅଦିନରେ ତଥା ଆଗୁଆ ଗ୍ରୀଷ୍ମ ପ୍ରବାହ ଦ୍ୱାରା ଗହମ, ବୁଟ ଚଣା, ତୈଳ ବୀଜ ଏବଂ ଆମ୍ବ ପରି ବହୁ ଅର୍ଥକାରୀ ଉଦ୍ୟାନ ଭିତ୍ତିକ ଫଳ ପରି ବହୁ ମୁଖ୍ୟ ଶସ୍ୟର ଅମଳ ଗୁରୁତର ଭାବେ ହ୍ରାସ ପାଇଛି। କୃଷି କ୍ଷେତ୍ରରେ ଶ୍ରମ ଶକ୍ତି କ୍ଷତିଗ୍ରସ୍ତ ହୋଇଛି। କୃଷି ଶ୍ରମିକଙ୍କୁ କାମ ମିଳୁନାହିଁ। କହିବା ବାହୁଲ୍ୟ ଯେ, ଗ୍ରାମାଚଂଳରେ ଅସଂଗଠିତ ଶ୍ରମିକଙ୍କୁ କର୍ମନିଯୁକ୍ତି କ୍ଷେତ୍ରରେ କୃଷି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। କୃଷି କ୍ଷେତ୍ରରେ କାମ ଅଭାବରୁ ଶ୍ରମିକ ହାତବାନ୍ଧି ବେକାର ହୋଇବସିଥିବା ଏବେ ବୃଦ୍ଧି ପାଇବାରେ ଲାଗିଛି। କେବଳ ଏତିକି ନୁହେଁ ସ୍ୱଳ୍ପ ଅମଳ ଖାଦ୍ୟ ଶସ୍ୟର ଦରଦାମ ବୃଦ୍ଧି କରିବା ସହ ଦେଶରେ ଖାଦ୍ୟ ସଂକଟ ଭଳି ପରିସ୍ଥିତିକୁ ଆମନ୍ତ୍ରଣ କରିଥାଏ। ସେହିପରି ମୁଦ୍ରାସ୍ଫିତୀକୁ ଆହୁରି ଖରାପ ମୁହାଁ କରିଥିବାବେଳେ ରପ୍ତାନୀକୁ ମଧ ପ୍ରଭାବିତ କରିଥାଏ। ଆମ ଦେଶରେ ଦୁର୍ଦ୍ଦଶା କିଛି କମ୍ ନୁହେଁ, ଯେଉଁଥିପାଇଁ କି ଦେଶରେ ଚାଷୀ ଆତ୍ମହତ୍ୟା ଘଟଣାମାନ ବଢିବାରେ ଲାଗିଛି। ଆହୁରି ମଧ ଅସହ୍ୟ ଗ୍ରୀଷ୍ମ ବା ଖରା ଜଳ ସଂକଟକୁ ଉକ୍ରଟ କରେ। ଆମ ଦେଶରେ ଖରାଦିନେ ଜଳସଂକଟ ଏକ ସାଧାରଣ ଘଟଣା। କୂଅ, ପୋଖରୀ, ଗାଡିଆ, ଜଳାଶୟ, ନଦୀ, ନାଳ ଏବଂ ଏପରିକି ଜଳଭଣ୍ଡାର ଗୁଡିକ ଶୁଖିଯାଏ। ଉତର ଭାରତରେ ଜଳଭଣ୍ଡାରଗୁଡିକର ଜଳସ୍ତର ଏବେ ଉଦ୍‌ବେଗଜନକ ସ୍ଥିତିରେ। ଆଗାମୀ ଚାଷ ପାଇଁ ଜଳସେଚନ ପ୍ରତି ଗୁରୁ ଧମକ ସୃଷ୍ଟି କରିଛି। କେବଳ କୃଷି କ୍ଷେତ୍ର ନୁହେଁ ଜଳ ବିଦ୍ୟୁତ ଉତ୍ପାଦନ, ଦୁଗ୍ଧ ଉତ୍ପାଦକ ସେକ୍ଟର ମଧ ପ୍ରଭାବିତ ହୋଇଛି । ଏହା ନିସନ୍ଦେହ ଯେ, ଖରାଦିନେ ଗ୍ରାମାଚଂଳ ତୁଳନାରେ ସହରାଚଂଳରେ ବିଦ୍ୟୁତ ଚାହିଦା ଆଶାତୀତ ଭାବେ ବୃଦ୍ଧି ପାଇଥାଏ। ବିଦ୍ୟୁତ ସଂକଟ ଜଳଜଳ ହୋଇଦେଖାଗଲାଣି। ଯାହାକି କେବଳ ଜନଜୀବନ କୁ ନୁହେଁ, କୃଷି ଓ ଶିଳ୍ପ କ୍ଷେତ୍ରକୁ ପ୍ରଭାବିତ କରିବାର ଆଶଙ୍କାକୁ ଏଡାଇ ଦେଇହେଉନାହିଁ। ଦେଶରେ କୃଷି ଉତ୍ପାଦନ, ଆୟ କମିଲେ ଖାଦ୍ୟ ଶସ୍ୟର ମୂଲ୍ୟ ବୃଦ୍ଧି ଘଟିବ। ଯାହାକି କେବଳ ଅର୍ଥନୀତିକୁ ପ୍ରଭାବିତ କରିବନାହିଁ, ଅଭିବୃଦ୍ଧିକୁ ମଧ ସଂକୁଚିତ କରିପାରିବ। ଆମ ରାଜ୍ୟରେ ମଧ ଆଗୁଆ ଗ୍ରୀଷ୍ମ ପ୍ରଭାବର ପ୍ରକୋପ ମଧ କିଛି କମ୍। ପଶ୍ଚିମ ଓଡିଶାର ତାପମାତ୍ରା ୪୧ଡିଗ୍ରୀ ସେଲସିୟସ୍ ପାର କରିଥିବାବେଳେ ଲୋକେ ଏବେଠୁ ତ୍ରାହିତ୍ରାହି ଡାକିଲେଣି। ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ହିଟ୍‌ଓ୍ୱେଭ୍ ସ୍ଥିତି ଜାରି ରହିବା ନେଇ ପାଣିପାଗ ଚେତାବନୀ ଦେଇ ସାରିଲାଣି। ଏବେ ବସନ୍ତ ଋତୁରେ ଏଭଳି ସ୍ଥିତି, ଗ୍ରୀଷ୍ମକାଳରେ ସ୍ଥିତି ଯେ ଅସମ୍ଭାଳ ହେବ, ଏହା ନିସନ୍ଦେହ। ଏହା ନିଶ୍ଚିତ ମଣିଷ ପ୍ରକୃତି ଉପରେ ଯେତିକି ଯେତିକି ଅତ୍ୟାଚାର କରୁଛି, ପ୍ରକୃତି ତା'ର ତାଣ୍ଡବ ସେତିକି ସେତିକି ରଚିବାରେ ରଚିଛି। ପ୍ରକୃତିର ସୁରକ୍ଷା ପାଇଁ ମାନବ ସମାଜ, ରାଷ୍ଟ୍ରଗୁଡିକ ଏବେଠୁ ସତର୍କ ନହେଲେ, ଆଗକୁ ଆହୁରି ଅଧିକ ପ୍ରାକୃତିକ ବ୍ୟତିକ୍ରମ ଦେଖିବାକୁ ହେବ, ଯାହାକି ସୃଷ୍ଟି ପାଇଁ କେବଳ ଧ୍ୱଂସର କାରଣ ହେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ମାର୍ଚ୍ଚ ୨୦୨୫ ରବିବାର





# ପୋଖରୀ ଶୁଖିଲା:ପାଣିଦଣ୍ଡ ପାଇଁ ଚିନ୍ତାରେ ଦଣ୍ଡୁଆ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଆଉ କିଛି ଦିନ ପରେ ଗଞ୍ଜାମ ଜିଲ୍ଲା ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ ହେବ। ମାର୍ଚ୍ଚ ଶେଷରୁ ଏହି ଯାତ୍ରା ଗଞ୍ଜାମ ଗାଁ ଗାଁରେ ଦେଖିବାକୁ ମିଳିବ। ଏହି ମାସରେ ଗଞ୍ଜାମବାସୀ ବେଶ୍ ନିଷ୍ଠାର ସହକାରେ ମଧ ରହିଥାନ୍ତି । କିନ୍ତୁ ଦଣ୍ଡନାଟ ପୂର୍ବରୁ ବ୍ରହ୍ମପୁର ସହରର ଅନେକ ପୋଖରୀ ଶୁଖିଲା ପଡ଼ିଛି । ଫଳରେ ଦଣ୍ଡୁଆମାନଙ୍କ ପ୍ରତି ଏହା ବେଶ୍ ପ୍ରତିବନ୍ଧକ ହେବ । କାରଣ ଦଣ୍ଡନାଟରେ ପାଣି ଦଣ୍ଡ ମଧ୍ୟ ଏକ ବୃହତ ଅଂଶବିଶେଷ ହୋଇଥାଏ । ସୂଚନାପ୍ରକାରେ ଲୋକନାଟକ ଭଗିତରେ ସର୍ବୋତ୍କୃଷ୍ଟ ଭାବରେ ପରିଗଣିତ ହଟଯୋଗର ସମାହାର ହେଉଛି ଶିବଶକ୍ତି ଉପାସନାର ପ୍ରତୀକ ଗଞ୍ଜାମର ପାରମ୍ପରିକ ଦଣ୍ଡନାଟ। ଚୈତ୍ରମାସରେ ୨୧ ଦିନ ସମଗ୍ର ଗଞ୍ଜାମ ଜିଲ୍ଲାର ଉପାସ,



ମାନସିକଧାରୀ, ଭୁକ୍ତା, ପାଟଭୁକ୍ତାଙ୍କ ସହ ଗଞ୍ଜାମବାସୀ ହୋଇଯାନ୍ତି ଏକାକାର। ଜିଲ୍ଲା ବ୍ୟାପୀ ଅଧିକାଂଶ ପରିବାର ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ମାଁ ଦଣ୍ଡକାଳୀଙ୍କ ଆରାଧନାରେ ଲିପ୍ତ ରହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଦଣ୍ଡଯାତ୍ରାରେ ପାଣିଦଣ୍ଡ ଗୁରୁତ୍ୱ ବହନ କରେ। ଏହାର ଇତିହାସ ଅତି ପ୍ରାଚୀନ। ମହାଦେବ ଓ ମହାକାଳୀଙ୍କୁ ଆରାଧନା କରି ଦଣ୍ଡୁଆମାନେ ଏହି ଅବସରରେ ମାନସିକଧାରୀ ତଥା ସମଗ୍ର ଜଗତର କଲ୍ୟାଣ କାମନା କରିଥାନ୍ତି । ଏହାପରେ ନିକଟସ୍ଥ ପୋଖରୀ ଅଥବା ଜଳାଶୟରେ ଦଣ୍ଡୁଆମାନେ ପାଣିଦଣ୍ଡ ଭାଙ୍ଗିଥାନ୍ତି । ସେଠାରେ ଛଅ ଆଙ୍ଗୁଳି ଲମ୍ବର ଆମ୍ବଡ଼ାଳରେ ଦାନ୍ତ ଘଷି ସ୍ନାନ କରିବା ପରେ ପୋଖରୀରେ ୧୩ ଥର ବୁଡ଼ ମାରିଥାନ୍ତି। ପରେ ୧୩ ଆଞ୍ଜୁଳା ଜଳ ଆଣି ଶିବ ଲିଙ୍ଗ ସ୍ଥାପନ କରି ତା ଉପରେ ଢାଳିଥାନ୍ତି । ଏଠାରେ ପୂଜା ପରେ ଦଣ୍ଡୁଆମାନେ ପଣା, ଲିଆ ଓ ଖଇ ପ୍ରସାଦ ସେବନ କରି ଦଣ୍ଡୁଆମାନେ ଗଛ ଛାଇରେ କିଛି ସମୟ ବିଶ୍ରାମ ନେବାର ବିଧି ରହିଛି । ହେଲେ ସବୁଠାରୁ ବିଡ଼ମ୍ବନାର ବିଷୟ ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ସହରର ଅନେକ ପୋଖରୀ ଏବେ ଶୁଖିଲା ପଡ଼ିଛି। ଆଉ କିଛି ପୋଖରୀ ବ୍ୟବହାର ଯୋଗ୍ୟ ହୋଇନାହିଁ। ଏଥିଯୋଗୁଁ ଦଣ୍ଡଯାତ୍ରାରେ ସମସ୍ୟା ଉପୁଜିବ ନିଶ୍ଚୟ । ଦଣ୍ଡୁଆମାନେ ଗୋଟିଏ ଜାଗାରେ ଦଣ୍ଡ ପରିବେଷଣ କରି ବହୁ ଦୂର ପୋଖରୀକୁ ଯିବାକୁ ପଡ଼ିବ। ଏନେଇ ଆଧାତ୍ମିକ ପ୍ରେମୀଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ପ୍ରତିବର୍ଷ ଦଣ୍ଡଯାତ୍ରା ହେଉଥିବା ବେଳେ ଆଗୁଆ ପଦକ୍ଷେପ ନେବାରେ ସ୍ଥାନୀୟ ପ୍ରଶାସନ ବିଫଳ ହୋଇଛି । ଖରାଦିନେ ପୋଖରୀ କାମ ନାଁରେ ପାଣି କଢ଼ାଯାଉଛି । ଏଥିଯୋଗୁଁ ଜଳସ୍ତର ମଧ୍ୟ କମିବାରେ ଲାଗିଛି । ଫଳରେ ଆଗାମୀ ଦିନରେ ଭୂତଳ ଜଳସଙ୍କଟ ବଢ଼ିବ ନିଶ୍ଚୟ ।

# ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ଉପରେ ଭାରତୀୟ ନିର୍ବାଚନ କମିଶନଙ୍କ ଗୁରୁତ୍ୱାରୋପ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଭାରତର ୨୬ତମ ମୁଖ୍ୟ ନିର୍ବାଚନ କମିଶନର (ସିଇଓ) ଭାବରେ ଜ୍ଞାନେଶ କୁମାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ମତଦାନ ପ୍ରକ୍ରିୟାକୁ ମୁକ୍ତ ଓ ଅବାଧ ତଥା ଅଧିକ ସୁଦୃଢ଼ କରିବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିରେ ନିର୍ବାଚନ କମିଶନର ଡ.ସୁଖବୀର ସିଂହ ସାନ୍ଧୁ ଓ ଡ. ବିବେକ ଯୋଶୀ ପ୍ରମୁଖ ସହଯୋଗ କରିଛନ୍ତି। ନିର୍ବାଚନ କମିଶନ ସମସ୍ତ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରୁଛନ୍ତି । ମତଦାନ କେନ୍ଦ୍ରରେ ଭୋଟରଙ୍କ ପାଇଁ ଏକ ସୁଖଦ ଅଭିଜ୍ଞତା ସୁନିଶ୍ଚିତ କରିବା ବ୍ୟବସ୍ଥା କରିଛନ୍ତି। ଏଥିରେ ରାଜନୈତିକ ଦଳ ଓ ପ୍ରମୁଖ ଅଂଶୀଦାର ତୃଣମୂଳସ୍ତରରେ ସାମିଲ୍ ହେଉଥିବା ଭାରତୀୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚୀତ କରାଯାଇଛି। ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା ସକାଶେ ପ୍ରାୟ ୧ କୋଟି ନିର୍ବାଚନ ଅଧିକାରୀଙ୍କ ନିରନ୍ତର କ୍ଷମତା ବୃଦ୍ଧି ପାଇଁ ଡିଜିଟାଲ୍ ତାଲିମ୍ ବ୍ୟବସ୍ଥା କରାଯାଇଛି। ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀସ୍ତରରେ ପ୍ରାୟ ୫୦୦୦ଟି ସର୍ବଦଳୀୟ ବୈଠକ ମାଧ୍ୟମରେ ରାଜନୈତିକଦଳ ଅଂଶଗ୍ରହଣ କରିଥିଲେ। ବୈଠକରେ ଏ ପର୍ଯ୍ୟନ୍ତ କେବଳ ୮୯ଟି ପ୍ରଥମ ଅପିଲ୍ ଏବଂ କେବଳ ୧ଟି ଦ୍ୱିତୀୟ ଅପିଲ୍ ଦାଖଲ ହୋଇଛି। ୟୁଆଇଡିଏଆଇ ଏବଂ ଭାରତୀୟ ନିର୍ବାଚନ କମିଶନର ବିଶେଷଜ୍ଞଙ୍କ ମଧ୍ୟରେ ବୈଷୟିକ ପରାମର୍ଶ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁଯାଉଛି। କମିଶନ ଦେଶବ୍ୟାପୀ ଭୋଟର ତାଲିକାରେ ଡୁପ୍ଲିକେଟ୍ ହଟାଇବେ । ୩ ମାସ ମଧ୍ୟରେ ଏକ ଦଶନ୍ଧି ଧରି ଚାଲିଥିବା ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ସମନ୍ୱୟରେ ଭୋଟର ତାଲିକା ନିୟମିତ ହେବ। ସମସ୍ତ ଯୋଗ୍ୟ ନାଗରିକଙ୍କ ଶତ ପ୍ରତିଶତ ପଞ୍ଜୀକରଣ ସୁନିଶ୍ଚିତ କରିବା, ସହଜ ମତଦାନ ଏବଂ ସୁଖଦ ମତଦାନ ଅଭିଜ୍ଞତା ସୁନିଶ୍ଚିତ କରିବା ହେଉଛି ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ଉଦ୍ଦେଶ୍ୟ। କୌଣସି ମତଦାନ କେନ୍ଦ୍ରରେ ୧୨୦୦ରୁ ଅଧିକ ମତଦାତା ରହିବେନାହିଁ । ମତଦାତାଙ୍କ ଠାରୁ ୨ କିଲୋମିଟର ଦୂର ମଧ୍ୟରେ ମତଦାନ କେନ୍ଦ୍ର ରହିବା ପାଇଁ ପଦକ୍ଷେପ ନିଆଯିବ। ଏପରିକି ଦୂରତମ ଗ୍ରାମୀଣ ମତଦାନ କେନ୍ଦ୍ରରେ ମୌଳିକ ସୁବିଧା ସୁନିଶ୍ଚିତ କରାଯିବ ବୋଲି କାର୍ଯ୍ୟାଳୟ ସୂଚନା ଦେଇଛି। ସହରାଞ୍ଚଳର ଭୋଟରଙ୍କୁ ନିର୍ବାଚନରେ ପୂର୍ଣ୍ଣ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବା ସକାଶେ ଆବଶ୍ୟକ ମତେ କଲୋନୀ ଅଥବା ବହୁତଳ ଅଟ୍ଟାଳିକା ପରିସରରେ ମତଦାନ କେନ୍ଦ୍ର କରାଯାଇପାରିବ ବୋଲି ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚୀତ କରାଯାଇଛି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୁଇ ଦିନିଆ ସମ୍ମିଳନୀ ମାର୍ଚ୍ଚ ୪ରେ ନୂଆଦିଲ୍ଲୀରେ ହୋଇଥିଲା । ଯେଉଁଥିରେ ପ୍ରଥମ ଥର ପାଇଁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚନ ରେଜିଷ୍ଟ୍ରେସନ୍ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଦେଶବ୍ୟାପୀ ବୈଠକରେ ତୃଣମୂଳସ୍ତରରେ ରାଜନୈତିକ ଦଳ ଦ୍ୱାରା ଅଣାଯାଇଥିବା ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରାଯିବ। ଏହି ପ୍ରକ୍ରିୟା ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ସମଗ୍ର ଭାରତରେ ସମାପ୍ତ ହେବ । ଭାରତୀୟ ନିର୍ବାଚନ କମିଶନ ସମସ୍ତ ରାଜନୈତିକ ଦଳଙ୍କ ଠାରୁ ପରାମର୍ଶ ମଧ୍ୟ ଆମନ୍ତ୍ରଣ କରିଛନ୍ତି । ସେମାନେ ୩୦ ଏପ୍ରିଲ ୨୦୨୫ ସୁଦ୍ଧା ମତାମତ ପଠାଇପାରିବେ।



# ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳୀ ସଭା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଗୋପ ସ୍ଥିତ କମଳ ଭବନ ପରିସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନାଙ୍କ ଅଧ୍ୟକ୍ଷତାରେ ଅୟୋଜିତ ସଭାରେ କେନ୍ଦ୍ରାପଡା ଜିଲ୍ଲାର ବହୁ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ ତଥା ବିଜେପି କର୍ମୀ ଯୋଗଦେଇ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହ ଓଡ଼ିଶାରେ ବିଜେପିକୁ ପ୍ରତିଷ୍ଠା କରାଇବାରେ ତାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଡାକ୍ତର ଦେବେନ୍ଦ୍ର ପ୍ରଧାନ କେବଳ ଜଣେ ରାଜନୈତିକ ନେତା ନଥିଲେ ବରଂ ଜଣେ ଓଡ଼ିଆ ପ୍ରାଣ ମଣିଷ ଥିଲେ ବୋଲି ସ୍ମୃତିସଭାରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅୟୋଜିତ ସଭାରେ ପଣ୍ଡିତ ହୃଷୀକେଶ ରଥ, ସର୍ବେଶ୍ୱର ମିଶ୍ର, ଅଜୟ ସାମଲ୍, ଦୁର୍ଯ୍ୟୋଧନ ସାହୁ, ପ୍ରସନ୍ନ ପରିଡା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଗୀତାପାଠ କରାଯାଇଥିଲା ।

# ରମାକାନ୍ତ ରଥ ଥିଲେ ଓଡ଼ିଆ କାବ୍ୟାକାଶର ଉଜ୍ଜ୍ୱଳ ତାରକା

**ବାଲେଶ୍ୱର, ନ୍ୟୁଜ୍**

କବି ରମାକାନ୍ତ ରଥ ଥିଲେ ଆଧୁନିକ ଓଡ଼ିଆ କାବ୍ୟାକାଶର ଉଜ୍ଜ୍ୱଳତମ ନକ୍ଷତ୍ର । ମୃତ୍ୟୁଚେତନାର ପ୍ରମୁଖ ରୂପକାର ରମାକାନ୍ତଙ୍କ ଲେଖନୀ ଶେଷ ପର୍ଯ୍ୟନ୍ତ ଥିଲା ସୃଜନକ୍ଷମ ଓ ତାଙ୍କର ସୃଷ୍ଟିଗୁଡିକ ଓଡ଼ିଆ କାବ୍ୟଭଣ୍ଡାରକୁ ବହୁଭାବରେ ସମୃଦ୍ଧ କରିଛି । ଅନେକ କୋଠରୀ, ସଚିତ୍ର ଅନ୍ଧାର, କେତେ ଦିନର, ସନ୍ଦିଗ୍ଧ ମୃଗୟା, ସପ୍ତମ ଋତୁ, ସୀମାନ୍ତବାସ, ନ ଯା' କହୁ କହୁ, ପବନରେ ଚିତ୍ରାଙ୍କନ, ଶ୍ରୀପଳାତକ, ସବୁଦିନେ ସେପାଖେ, ଫେରି ଚାହିଁଲା ବେଳକୁ, ଶ୍ରୀପଳାତକ ଓ ଶ୍ରୀରାଧା ଭଳି ଅନନ୍ୟ କବିତା ଓ




କାବ୍ୟପୁସ୍ତକର ସ୍ରଷ୍ଟା ଶ୍ରୀରମାକାନ୍ତ ତାଙ୍କର 'ଶ୍ରୀରାଧା' ପାଇଁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲେ ବୋଲି 'ବହିଘର ସଭାଗୃହ'ରେ ପ୍ରକାଶନ ପ୍ରତିଷ୍ଠାନ 'ବହିଘର' ଓ 'ବିଦ୍ୟାଭାରତୀ' ପକ୍ଷରୁ ଆୟୋଜିତ କବି ରମାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କବିଙ୍କୁ ଶ୍ରଦ୍ଧା ନିବେଦନ କରି ଏହା କହିଥିଲେ । 'ବିଦ୍ୟାଭାରତୀ'ର ନିର୍ଦ୍ଦେଶକ ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କବି ଶ୍ରୀଦେବ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସନ୍ତୋଷ ନାୟକ, ଗାଳ୍ପିକ ଉଦୟ ନାରାୟଣ ଦାସ, କବି ପ୍ରଶାନ୍ତ ଦାସ, କବି ଗଗନ ସେଠୀ, ସମାଜସେବୀ ଯାଦବେଶ ମିଶ୍ର, କବି ପୂର୍ଣ୍ଣଚନ୍ଦ୍ର ପଣ୍ଡା, କବି ଜୟନ୍ତ ହଂସରାଜ, ସିଦ୍ଧେଶ୍ୱର ବିନ୍ଧାଣୀ, ପ୍ରଣିତା ମିଶ୍ର, 'ବହିଘର' ନିର୍ଦ୍ଦେଶିକା ମଞ୍ଜୁଲତା ବଳ, ଦେବାଶିଷ ପଣ୍ଡା, ପଦ୍ମଲୋଚନ ଦତ୍ତ, ରିତେଶ ଦାସ, ତ୍ରିନାଥ ନନ୍ଦୀ ଏବଂ ଅର୍ଦ୍ଧେନ୍ଦୁ ଶେଖର ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧା-ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶେଷରେ ଦେବାଶିଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୋକାନ ମାଲିକଙ୍କ ଘରୁ ସୁନା ଅଳଙ୍କାର ଓ ଟଙ୍କା ଲୁଟ୍:କର୍ମଚାରୀ ଗିରଫ

**ଖଣ୍ଡଗିରି, ନ୍ୟୁଜ୍ ବ୍ୟୁରୋ**

ମାଲିକଙ୍କ ଘରୁ ଚୋରି ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଅଭିଯୁକ୍ତ କର୍ମଚାରୀକୁ ଗିରଫ କରି ଶୁକ୍ରବାର ଅଦାଲତ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଉଛି ଖଣ୍ଡଗିରି ଥାନା ପିଚୁକୁଳି ବସ୍ତିରେ ରହୁଥିବା ନୟାଗଡ଼ ଜିଲ୍ଲା ନୂଆଗାଁର ଜିଟିମା ବେହେରା ଅଭିଯୁକ୍ତ ନିକଟରୁ ୨୭ ଗ୍ରାମର ସୁନା ଅଳଙ୍କାର ଜବତ କରାଯାଇଛି। ଅଭିଯୋଗକାରୀ ଅଖିଳ ସାହୁ ଖଣ୍ଡଗିରି ଥାନା ଶିରିପୁର ନୂଆ ସାହିରେ ରୁହନ୍ତି। ସ୍ଥାନୀୟ ବଜାରରେ ତାଙ୍କର ଏକ ଦୋକାନ ଅଛି । ଉକ୍ତ ଦୋକାନରେ ଅଭିଯୁକ୍ତ ଜିଟିମା କାମ କରେ। ଗତ ୧୨ ତାରିଖ ରାତିରେ ଜିଟିମା ନିଜ ମାଲିକଙ୍କୁ ଶିରିପୁର ନୂଆ ସାହିରେ ଥିବା ଘରକୁ ଛାଡ଼ିବାକୁ ଯାଇଥିଲେ। ସେହି ସମୟରେ ଜଣେ ନାବାଳକ ସହଯୋଗୀ ସହ ମିଶି ମାଲିକଙ୍କ ଘରୁ ଚୋରି ଯୋଜନା କରିଥିଲେ । ରାତିରେ ମାଲିକ ଶୋଇ ପଡ଼ିବା ପରେ ଜିଟିମା ଓ ନାବାଳକ ସହଯୋଗୀ ମିଶି ମାଲିକଙ୍କ ଘରୁ ଆଲମାରି ଭାଙ୍ଗି ସମସ୍ତ ସୁନା ଅଳଙ୍କାର ସହ ନଗଦ ୨୫ ହଜାର ଟଙ୍କା ଚୋରି କରିଥିଲେ। ଅଖିଳ ସକାଳୁ ଉଠି ଚୋରି ସମ୍ପର୍କରେ ଜାଣି ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଚୋରି କରିବା ପରଠାରୁ ଜିଟିମା ଆଉ ଦୋକାନକୁ ଆସି ନଥିଲା ମାଲିକଙ୍କ ସନ୍ଦେହ ବଢ଼ିଥିଲା। ଏନେଇ ମଧ୍ୟ ପୋଲିସକୁ ଅଖିଳ ଜଣାଇଥିଲେ। ଖଣ୍ଡଗିରି ଥାନା ପୋଲିସ ଘଟଣାର ତଦନ୍ତ କରି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଚିତ୍ର ଉତ୍ତୋଳନ ଯନ୍ତ୍ର ଯାଞ୍ଚ କରି ଜିଟିମା ଓ ନାବାଳକକୁ ଜାଣି ପାରିଥିଲା। ଶୁକ୍ରବାର ଜିଟିମାକୁ ଗିରଫ କରି ତାଠାରୁ ୨୭ ଗ୍ରାମ୍ ସୁନା ଅଳଙ୍କାର ଜବତ କରିଥିଲା।

# ୩୦ ଲକ୍ଷ ଟଙ୍କାର ବକେୟା ବିଲ୍ ନପାଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଠିକାଦାର

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଆଜକୁ ୭ ବର୍ଷ ବିତିଯାଇଛି । ସରକାରୀ ଚିଠି ଅନୁଯାୟୀ ଲକ୍ଷାଧିକ ଟଙ୍କାର ଟେଣ୍ଡର ପାଇ ସମସ୍ତ କାମ କରିଥିଲେ । କିନ୍ତୁ ସରକାରୀ କାମରେ ବିନିଯୋଗ କରିଥିବା ଟଙ୍କା ନ ପାଇବାରୁ ସନ୍ତୋଷ କୁମାର ପାତ୍ର ରାଜରାସ୍ତାକୁ ଓହ୍ଲାଇଛନ୍ତି । ସେ ଉକ୍ତ ଟଙ୍କା ଧାର କରଜ କରି, ତାଙ୍କ ଘରକୁ ବନ୍ଧା ଦେବା ସହ ତାଙ୍କ ସ୍ତ୍ରୀର ସମସ୍ତ ଅଳଙ୍କାର ବିକ୍ରି କରି ବି ସେ ଧାର କରିଥିବା ଟଙ୍କା ଶୁଝି ପାରୁନାହାଁନ୍ତି । ସେ ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରର, ବର୍ତ୍ତମାନ ଯୁଗରେ ସାଧାରଣ ବର୍ଗ ପାଇଁ ସରକାରୀ ଚାକିରୀ ପାଇବା ଏକ ସ୍ୱପ୍ନ, କିନ୍ତୁ ସେ ନିଜ ଗୋଡ଼ରେ ଠିଆ ହୋଇ ସ୍ୱାବଲମ୍ବୀ ହୋଇ ବଞ୍ଚିବା ପାଇଁ ପରିଶ୍ରମ କରି ଠିକାଦାର କାମ କରିଆସୁଛନ୍ତି । କେଉଁ କାରଣରୁ ସେ କରିଥିବା କାମର ଟଙ୍କା ମିଳୁନାହିଁ ତାର ଠିକ୍ ଯାଞ୍ଚ କରି ତାଙ୍କ ପ୍ରତି ହୋଇଥିବା ଅନ୍ୟାୟରୁ ମୁକ୍ତି କରନ୍ତୁ ଓ ତାଙ୍କୁ ନ୍ୟାୟ ପ୍ରଦାନ କରିବା ସହ ତାଙ୍କର ବକେୟା ଟଙ୍କା ତୁରନ୍ତ ପ୍ରଦାନ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ସୋମବାର ରାୟଗଡ଼ା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ନିଜ ଅଭିଯୋଗ ପତ୍ର ଦାଖଲ କରିଛନ୍ତି ରାୟଗଡ଼ାର ଠିକାଦାର ସନ୍ତୋଷ କୁମାର ପାତ୍ର । ଏହି ଅଭିଯୋଗ ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଗତ ୨୦୧୮ ମସିହା ଏପ୍ରିଲ ୧୯ ତାରିଖରେ ଆଦିବାସୀ କଲ୍ୟାଣ ବିଭାଗ ଅଧିନସ୍ଥ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ରାୟଗଡ଼ାର ପ୍ରକଳ୍ପ ପ୍ରଶାସକଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା୧୭୬୮/୧୯/୪/୨୦୧୮ରେ କିଛି କକ୍ଷ ନିର୍ମାଣ ପାଇଁ ଟେଣ୍ଡର ମିଳିଥିଲା ଏବଂ କାମ କରିବା ପାଇଁ ଚିଠି ପ୍ରଦାନ କରାଯାଇଥିଲା । ଉକ୍ତ ଚିଠିରେ କେଉଁ କେଉଁ କାମ କରାଯିବ ଓ କେତେ ଟଙ୍କା ତାହା ବି ସଂପାଦନା ପାଇଁ ଚିଠିରେ ଉଲ୍ଲେଖ କରିଥିଲେ । ଚିଠି ଆଦେଶ ଅନୁଯାୟୀ ସମସ୍ତ କାମ ଠିକ୍ ସମୟରେ ସଂପାଦନା କରି ଠିକାଦାର ସନ୍ତୋଷ କଲ୍ୟାଣ ବିଭାଗୀୟ ଅଧିକାରୀ ତଥା ଯନ୍ତ୍ରୀଙ୍କୁ ହସ୍ତାନ୍ତର କରିଥିଲେ । ସମସ୍ତ କାମ କରିବା ବାଦେ ପୁଣି ପ୍ରକଳ୍ପ ପ୍ରଶାସକ ଏବଂ ଯନ୍ତ୍ରୀ ଆଉ କିଛି ଅତିରିକ୍ତ କାମ କରୋନା ସମୟରେ ଜରୁରୀକାଳୀନ ପରିସ୍ଥିତିରେ କରିବା ପାଇଁ ଅନୁରୋଧ କରିବା ସହ ଅନୁମୋଦ କଲେ । ଉକ୍ତ କାମ ମଧ୍ୟରେ ଅଭିଯୋଗ କକ୍ଷ ଯାହା ବର୍ତ୍ତମାନ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଫେବର ବ୍ଲକ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରବେଶ ପଥରେ ରାସ୍ତା, କାଓ କ୍ୟାଚର, ଜିଲ୍ଲାପାଳ କାର୍ଯ୍ୟାଳୟ ମୁଖ୍ୟ ଗେଟ୍, ସିକ୍ୟୁରିଟି ଗାର୍ଡ ରୁମ୍ ଓ ସାର୍କିଟ୍ ହାଉସ୍ ପରିସର ପଡିଆ ସୌନ୍ଦର୍ଯ୍ୟକରଣ ଓ ଚିନ୍ତନ କକ୍ଷ ଦୋହରୀ କରଣ ଭଳି ଅତିରିକ୍ତ କାମ କରିବା ପାଇଁ କହିଲେ ଓ ଉକ୍ତ କାମ ଠିକ୍ ସମୟରେ ସେ ସଂପାଦନା କରି ବିଭାଗକୁ ହସ୍ତାନ୍ତର କାଲେ । ଠିକାଦାର ସନ୍ତୋଷଙ୍କୁ ଦିଆଯାଇଥିବା ଚିଠି ପ୍ରକାରେ ସେ ୨୦ ଲକ୍ଷ ୯୧ ହଜାର ୮୦୫ ଟଙ୍କା ଓ ପରେ ଅତିରିକ୍ତ କାମ ପାଖାପାଖି ୩୦ ଲକ୍ଷ ଟଙ୍କାର ମୋଟ୍ ୫୦ ଲକ୍ଷରୁ ଉର୍ଦ୍ଧ୍ୱ କାମ କରିଥିଲେ । ଇତି ମଧ୍ୟରେ ଦୀର୍ଘ ୭ ବର୍ଷ ବିତିଯାଇଥିବା ବେଳେ ଅନେକ ପ୍ରକଳ୍ପ ପ୍ରଶାସକ, ଜିଲ୍ଲାପାଳଙ୍କ ବଦଳି ହୋଇଯାଇଛି । ପରେ ନିଯୁକ୍ତ ହୋଇଥିବା ନୂତନ ପ୍ରକଳ୍ପ ପ୍ରଶାସକଙ୍କୁ କରାଯାଇଥିବା କାମର ବିଲ୍ ବାବଦର ପ୍ରାପ୍ୟ ପାଇବାକୁ ବାରମ୍ବାର ଗୁହାରି କରି ନୟାନ୍ତ ହୋଇଯାଇଥିଲେ ସୁଦ୍ଧା ସେ ବିଲ୍ ପାସ୍ କରୁ ନଥିବାରୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଠିକାଦାର ସନ୍ତୋଷ ପାତ୍ର ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଏ ନେଇ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନିହାର ରଂଜନ କହଁର ଅଭିଯୋଗ ଶୁଣାଣି କରି ତରୁନ୍ତ ଶ୍ରୀ ପାତ୍ରଙ୍କ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ପ୍ରକଳ୍ପ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ନାରୀ ନିର୍ଯାତନା ପ୍ରତିବାଦରେ ୨୭ରେ କଂଗ୍ରେସର ବିଧାନସଭା ଘେରାଉ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବଢ଼ୁଥିବା ନାରୀ ନିର୍ଯାତନା ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ୍ କ୍ରମେ ଆସନ୍ତା ମାର୍ଚ୍ଚ ମାସ ୨୭ ତାରିଖ ଦିନ ବିଧାନସଭା ଘେରାଉ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିରୀକୃତ ହୋଇଛି। ଏହି ପରିପ୍ରେକ୍ଷିରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ବରିଷ୍ଠ କଂଗ୍ରେସ ନେତା ଶ୍ରୀନିବାସ ରାଉତରାୟ ଓ ଗିରୀବାଳା ବେହେରା ଯୋଗଦେଇ ଶୁକ୍ରବାର ଅପରାହ୍ନ ସମୟରେ ଜଗତସିଂହପୁର ସର୍କିଟ୍ ହାଉସ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ଏରସମା-ବାଲିକୁଦା ନିର୍ବାଚନ




ମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ଜଗତସିଂହପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ, ନାଉଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା, ପିସିସି ସଭ୍ୟ ଦେବ ପ୍ରସାଦ ନାୟକ, ବାଲିକୁଦା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିକ୍ରମ କିଶୋର ପଣ୍ଡା, ବାଲିକୁଦା ପୂର୍ବତନ ଜିଲ୍ଲାପରିଷଦ ମୋହିନୀ ଚରଣ ରାଉତ, ବିରିଡି ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅଶୋକ ଜେନା, ବେଦଦ୍ୟୁତି ପୃଷ୍ଟି, ସର୍ବେଶ୍ୱର ପାଢ଼ୀ, ସମୀର କୁମାର ଖୁଣ୍ଟିଆ, ଇମତାଜ ଅହମଦ ଖାନ, ଅପର୍ଣ୍ଣା ମହାପାତ୍ର, ବନଲତା ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର, ସୌମ୍ୟ ରଞ୍ଜନ ରାଉତ, କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ରାସ୍ତା ପାର୍ଶ୍ୱରୁ ମାଂସ ବ୍ୟବସାୟ ବନ୍ଦ ପାଇଁ ଦାବି

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ରାଜପଥ କଡରେ ଛେଳି, କୁକୁଡା ଆଦି କାଟି ବିକ୍ରି କରିବା ଉପରେ ରୋକ୍ ଲଗାଇବା ପାଇଁ ଦାବି କରିଛି ଷ୍ଟେଟ୍ ହ୍ୟୁମାନ୍ ରାଇଟ୍ସ କାଉନ୍‌ସିଲ୍ । ଗୁରୁବାର ଏ ସମ୍ପର୍କିତ ଏକ ଦାବିପତ୍ର ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପ୍ରଦାନ କରାଯାଇଛି । କାଉନ୍‌ସିଲ୍ ସଦସ୍ୟଙ୍କ କହିବାନୁଯାୟୀ ରାଜପଥ କଡରେ ନିଜର ପରିବାର ପ୍ରତିପୋଷଣ ପାଇଁ ଜୀବ ହତ୍ୟା କରାଯାଇ ରାସ୍ତା କଡ଼ରେ ସର୍ବସାଧାରଣ ସ୍ଥାନରେ ଟଙ୍ଗା ଯାଇ ବିକ୍ରୟ କରାଯାଉଛି । ଏହି ଦୃଶ୍ୟ କୋମଳମତି ଛାତ୍ରଛାତ୍ରୀ, ମହିଳା ଓ ନିରାମିଷାସୀ ବ୍ୟକ୍ତିବିଶେଷଙ୍କ ମନରେ କୁପ୍ରବାହ ପାକାଉଛି । ଏହି ସବୁ ବ୍ୟବସାୟ ପାଇଁ ସ୍ୱତନ୍ତ୍ର ସ୍ଥାନ ନିରୂପଣ ସହିତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ସଭାପତି ସସ୍ମିତା ଦାସ, ନାରାୟଣ ବିଶ୍ୱାଳ, ରଞ୍ଜନ କୁମାର ବେହେରା, ସଙ୍ଗୀତ ମହାନ୍ତି, ଶିବାୟ ସାହୁ ପ୍ରମୁଖ ନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

# କଳା ବ୍ୟାଜ୍ ପିନ୍ଧି ଆୟୁଷ ଡାକ୍ତରମାନଙ୍କ ପ୍ରତିବାଦ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ବିଭିନ୍ନ ପିଏଚସି ସିଏଚସି ମାନଙ୍କରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧି ଡ୍ୟୁଟି କରୁଛନ୍ତି। ସେମାନେ ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଏଭଳି କଳା ବ୍ୟାଜ୍ ପିନ୍ଧି ଡ୍ୟୁଟି କରିବେ । ସେମାନେ ଦୀର୍ଘ ୧୭ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଠିକା କର୍ମଚାରୀ ହିସାବରେ କାମ କରିଆସୁଛନ୍ତି ଏବଂ ଏ ପର୍ଯ୍ୟନ୍ତ ସରକାରୀ ସ୍ତରରେ ଚାକିରୀ ନିୟମିତ ଦିଗରେ କୌଣସି ଯୋଜନା ହୋଇନାହିଁ । ତେଣୁ ଏହାକୁ ପ୍ରତିବାଦ କରି ଆସନ୍ତା ୨୭ ତାରିଖରୁ ଅଲ୍ ଓଡ଼ିଶା ଆୟୁଷ ଡାକ୍ତର ଆସୋସିଏସନ୍‌ର ଆହ୍ୱାନ୍ କ୍ରମେ ଭୁବନେଶ୍ୱର ଠାରେ ଧାରଣାରେ ବସିବା ପାଇଁ ବଲାଙ୍ଗିର ଜିଲ୍ଲାପାଳ ଏବଂ ସିଡିଏମ୍‌ଓଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଭାରତୀୟ ଚିକିତ୍ସା ପଦ୍ଧତିକୁ ଅଗ୍ରାଧିକାର ଦେଇଆସୁଥିବା ବର୍ତ୍ତମାନର ସରକାର ନିଶ୍ଚିତ ଭାବେ ସବୁ ଦାବିକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାରକୁ ନେଇ ନ୍ୟାୟ ଦେବେ ବାଲି ସଂଘ ପକ୍ଷରୁ ପ୍ରତିକ୍ରିୟା ମିଳିଛି। ଅନ୍ୟପକ୍ଷରେ ବିଗତ ୧୦ ତାରିଖରୁ ଏନ୍‌ଏଚ୍‌ଏମ୍ ପରିଚାଳନା କର୍ମଚାରୀ ମାନେ ବିଭିନ୍ନ ଦାବିରେ କାର୍ଯ୍ୟ ବନ୍ଦ ଡାକରା ଦେଇଥିବାରୁ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସେବା ବିଶେଷ ପ୍ରଭାବିତ ହୋଇଥିବା ବେଳେ ଆୟୁଷ ଡାକ୍ତରମାନେ କାର୍ଯ୍ୟବନ୍ଦ କଲେ ଜିଲ୍ଲାର ସ୍ୱାସ୍ଥ୍ୟବସ୍ଥା ବହୁ ମାତ୍ରାରେ ବିପର୍ଯ୍ୟସ୍ତ ହୋଇପଡିବ ବୋଲି କୁହାଯାଇଛି । ଏହି କ୍ରମରେ ତୁରେକେଲା ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଆୟୁସ ଡାକ୍ତର ଶାନ୍ତିଲତା ସୁବୁଦ୍ଧି ଏହି ଆନ୍ଦୋଳନରେ କଳା ବ୍ୟାଜ୍ ଧାରଣ କରି ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି ।

# ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳନ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ପଖାଳ ଦିବସରେ ଗୁରୁବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ମାନୀ ମିଶ୍ରଙ୍କ ସଂଯୋଜନାରେ କୁଲୁଥକାନୀ ଠାରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି । ମଞ୍ଚର ସମସ୍ତ ସଦସ୍ୟା ଭିନ୍ନଭିନ୍ନ ରକମର ଭଜା, ପୋଡା ଏବଂ ତିଅଣ ଘରୁ ତିଆରି କରି ଆଣିଥିବା ବେଳେ ସମସ୍ତ ସଦସ୍ୟା ମାନେ ଏକାଠି ବସି ପଖାଳ ଦିବସର ମଜା ନେଇଥିଲେ । ସମସ୍ତେ ଘରେ ବିଭିନ୍ନ ରକମର ଖାଦ୍ୟ ଖାଉଥିବା ବେଳେ ସମସ୍ତେ ଏକାଠି ମିଶି ପଖାଳ ଦିବସ ପାଳନର ମଜା ନିଆରା ବୋଲି କଳ୍ପନା ମିଶ୍ର କହିଛନ୍ତି । ଏଭଳି ସାମାଜିକ ରୋଷେଇ ଦ୍ୱାରା ସମାଜରେ ଭେଦଭାବ ଦୂର ହେବା ସହ ସଦ୍‌ଭାବ ବୃଦ୍ଧି ହୋଇପାରିବ ବୋଲି ମଞ୍ଚର ବରିଷ୍ଠ ସଦସ୍ୟା ଶୋଭାଙ୍ଗିନୀ ପଟେଲ କହିଥିଲେ । ଏହି ଅବସରରେ ନାରୀଶକ୍ତି ପକ୍ଷରୁ ଗୀତ ନୃତ୍ୟର କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । ଏହି ଅବସରରେ ଭବାନୀଶ ଭୋଇ, ମାନସ ରଞ୍ଜନ ବକ୍ସୀ, ନରସିଂହ ପ୍ରସାଦ ମିଶ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ମାସିକ ପତ୍ରିକା ସମ୍ବଲପୁରୀ ଦରପନ ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘମିତ୍ରା ପଣ୍ଡା, ସ୍ୱସ୍ତିକା ନାୟକ, ପଙ୍କଜିନି ମେହେର, ପଙ୍କଜିନୀ ବୈଠାରୁ, ଲଳିତା ଭୋଇ, ଝୁନୁ ତ୍ରିପାଠୀ, ଛବି ପତି, ପ୍ରଜ୍ଞା ସାହୁ, ସୁଜାତା ଗୁରୁ, ଅଲକା ମହାପାତ୍ର, ଯାମିନୀ ଠାକୁର, ମିଲି ବକ୍ସୀ, ଡଳିମା ଭୋଇ, ଇନ୍ଦିରା ମିଶ୍ର, କୁଞ୍ଜ ବିହାରୀ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ ।



# ଯାଜପୁରରେ ପିସିସି ସଭାପତି ଭକ୍ତ ଦାସଙ୍କୁ ବିପୁଳ ସମ୍ବର୍ଦ୍ଧନା



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲୁ ଯାଜପୁର ଜିଲ୍ଲା ଗସ୍ତରେ ଆସିଛନ୍ତି। ରାଜ୍ୟ ସଭାପତି ହେଲା ପରେ ଏହା ତାଙ୍କର ପ୍ରଥମ ଜିଲ୍ଲା ଗସ୍ତ ହୋଇଥିବା ବେଳେ ଶ୍ରୀ ଦାସ ଏଥିପାଇଁ ପ୍ରଥମେ ମା' ବିରଜାଙ୍କ କ୍ଷେତ୍ରରୁ ତାଙ୍କର ଉକ୍ତ ଯାତ୍ରା ଆରମ୍ଭ କରିଛନ୍ତି। ଜିଲ୍ଲାର ପ୍ରବେଶ ଦ୍ୱାର ଛତିଆ ଠାରୁ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବଡଚଣା, ଚଣ୍ଡିଖୋଲ, ଜାରକା, କୁଆଖିଆ, ବରୁଆଁ ଠାରେ ଉଭୟ ନେତାଙ୍କୁ ଶହ ଶହ ସଂଖ୍ୟକ ଦଳୀୟ କର୍ମୀ ମାନେ ସ୍ୱାଗତ କରିଥିବା ବେଳେ ଯାଜପୁର ଟାଉନ୍ ପ୍ରବେଶ ଦ୍ୱାର ମଲ୍ଲିକାପୁର ଠାରୁ ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ଶ୍ରୀ ଦାସ ଓ ଶ୍ରୀ ଲଲୁ ଏବଂ ଅନ୍ୟ ନେତୃବୃନ୍ଦଙ୍କୁ ଗୌତମ ବୁଦ୍ଧ ସଂସ୍କୃତି ଭବନକୁ ପାଛୋଟି ନିଆଯାଇଥିଲା। ଜିଲ୍ଲା ସଭାପତି ଶ୍ରୀ ରାଉତଙ୍କ ଅଧ୍ୟକ୍ଷତା କ୍ରମେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପିସିସି ସଭାପତି ଶ୍ରୀ ଦାସ ବକ୍ତବ୍ୟ ରଖି ଦଳର କର୍ମୀମାନଙ୍କୁ ସଂଗଠିତ ଶିକ୍ଷିତ ଓ ଶୃଙ୍ଖଳିତ ହୋଇ ସଂଘର୍ଷ ଓ ସଂକଳ୍ପିତ ହେଲେ ସଫଳତା ନିଶ୍ଚିତ ମିଳିବ ବୋଲି କହିଥିଲେ। ଖୁବ୍‌ଶୀଘ୍ର ଯାଜପୁରରେ ୨୦ ହଜାର କର୍ମୀ ସମର୍ଥକ ଓ ଶୁଭେଚ୍ଛୁ ମାନଙ୍କୁ ଏକ ସମାବେଶ ଅନୁଷ୍ଠିତ ହେବ ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ। ସଭା ପରେ ସ୍ଥାନୀୟ ସର୍କିଟ୍ ହାଉସ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ ନେତା ଆସନ୍ତା ୨୭ ତାରିଖରେ ନାରୀ ନିର୍ଯାତନା ବନ୍ଦ ଓ ନାରୀ ସୁରକ୍ଷା ଦାବିରେ ଦଳ ବିଧାନସଭା ଘେରାଉ କରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜୀବଗାନ୍ଧୀ ପଞ୍ଚାୟତ ରାଜ ସଂଗଠନର ଅଧ୍ୟକ୍ଷ ସୁଦର୍ଶନ ଦାସ, ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ବରିଷ୍ଠ କଂଗ୍ରେସ ନେତା ଶରତ ରାଉତ, ବିଷ୍ଣୁ ଚରଣ ରାଉତ, ଚିନ୍ମୟ ବେହୁରା, ବନ୍ଦିତା ପରିଡ଼ା, ଅଜୟ ସାମଲ, ସନ୍ତୋଷ ନନ୍ଦ, ସୁଦିପ କର, ଶ୍ରୀନାଥ ମିଶ୍ର, କିଶାନ ପଣ୍ଡା, ପଦ୍ମାକର ଗୁରୁ, ନରେଶ ମହାନ୍ତି, ଶୁଭେନ୍ଦୁ ମହାନ୍ତି, କନକଲତା ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।



# ପୀଡ଼ିତା ଛାତ୍ରୀଙ୍କ ପରିବାରକୁ ଭେଟିଲେ କଂଗ୍ରେସର ତଥ୍ୟ ଅନୁସନ୍ଧାନକାରୀ ଟିମ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇର କଲେଜ ଛାତ୍ରୀଙ୍କୁ ଚେକିଂ କରିବା ଆଳରେ କଲେଜର କେତେଜଣ ପୁରୁଷ କର୍ମଚାରୀ ଅସଦାଚରଣ କରିଥିବା ଓ ଏହି ଲଜ୍ୟାଜନକ ଘଟଣା ପାଇଁ ଛାତ୍ରୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ କଂଗ୍ରେସର ଏକ ତଥ୍ୟ ଅନୁସନ୍ଧାନକାରୀ ଟିମ୍ ସଂପୃକ୍ତ ଛାତ୍ରୀଙ୍କ ଘରକୁ ଯାଇ ଛାତ୍ରୀଙ୍କ ପରିବାର ଲୋକଙ୍କୁ ପଚରା ଉଚରା କରିଥିବା ଜଣାପଡିଛି। ଏନେଇ କଂଗ୍ରେସର ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀରେ ଗଣ ମାଧ୍ୟମକୁ ସୂଚନା ଦିଆଯାଇଛି। ପୂର୍ବତନ ମନ୍ତ୍ରୀ ତଥା ତଥ୍ୟ ଅନୁସନ୍ଧାନକାରୀ ଟିମ୍‌ର ଅଧ୍ୟକ୍ଷ ନଗେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ସୁଜିତ୍ ପାଢୀ, ମାନସ ମଲିକ, ଡ଼ଃ ସିପ୍ରା ମଲିକ, ସତ୍ୟପ୍ରିୟ ସାମଲ, ରାଜେଶ କୁମାର ରାଉତ, ମହମ୍ମଦ ଆକବର ଅଲ୍ଲୀ, ପ୍ରଶାନ୍ତ ରାଉତ ପ୍ରମୁଖ କମିଟି ସଦସ୍ୟମାନେ ପୀଡିତା ପରିବାରକୁ ଭେଟି ପ୍ରକୃତ ଘଟଣା ଜାଣିବାକୁ ପାଇଥିଲେ। ତେବେ ଅଭିଯୁକ୍ତ ମାନଙ୍କୁ ପ୍ରଶାସନ ଘଣ୍ଟ ଘୋଡାଉଥିବା ଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ କମିଟି କ୍ଷୋଭ ପ୍ରକାଶ କରିବା ସହ ରାଜ୍ୟରେ ନାରୀ ନିର୍ଯାତନା, ଛାତ୍ରୀ ଅସଦାଚରଣ ଘଟଣା ଓ କୁକର୍ମ ମାମଲା ବଢ଼ି ଚାଲିଥିବା କମିଟି ଅଭିଯୋଗ କରିଥିଲା। ରାଜ୍ୟ ସରକାର ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଏଭଳି ସମ୍ବେଦନଶୀଳ ଘଟଣା ପ୍ରତି କୋହଳ ମନୋଭାବ ପୋଷଣ କରୁଥିବାରୁ ଏଭଳି କାଣ୍ଡ ଘଟାଉଥିବା ଦୁର୍ବୃତ୍ତ ମାନେ ଅଧିକ ସାହସ ପାଇ ମହିଳା ମାନଙ୍କ ପ୍ରତି ଅତ୍ୟାଚାର ବଢାଇ ଚାଲିଛନ୍ତି ବୋଲି ଅଭିଯୋଗ କରିଥିଲେ । ଏହା ସହ ଏହି ଟିମ୍ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିବା ଜଣାପଡିଛି ।

# ଆରସିବିର ହେଡ କୋଚ ଆଣ୍ଡି ଫ୍ଲାୱାରଙ୍କ ଦରମା ୪-୫ କୋଟି



**ନୂଆଦିଲ୍ଲୀ**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଆଇପିଏଲ୍ ୨୦୨୫ ପାଇଁ ଆଣ୍ଡି ଫ୍ଲାୱାରଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବରେ ବଜାୟ ରଖିଛି । ଆଣ୍ଡି ଫ୍ଲାୱାର ଜଣେ ଅଭିଜ୍ଞ ପ୍ରଶିକ୍ଷକ ଯିଏ ଅନେକ ଅନ୍ତର୍ଜାତୀୟ ଏବଂ ଫ୍ରାଞ୍ଚାଇଜ ଦଳକୁ ସଫଳତାର ନେତୃତ୍ୱ ଦେଇଛନ୍ତି । କିନ୍ତୁ ଆପଣ କଣ ଜାଣନ୍ତି ଯେ ସେଣ୍ଟର ମୁଖ୍ୟ ପ୍ରଶିକ୍ଷକ ଭାବରେ ସେ ଆରସିବି କେତେ ଦରମା ପାଉଛନ୍ତି ?

ରିପୋର୍ଟ ଅନୁସାରେ, ଆଣ୍ଡି ଫ୍ଲାୱାର ଆରସିବିରେ ମୁଖ୍ୟ ପ୍ରଶିକ୍ଷକ ଭୂମିକା ନିଭାଇ ପ୍ରତି ସିଜିନରେ ପ୍ରାୟ ୪-୫ କୋଟି ଟଙ୍କା ଦରମା ପାଉଛନ୍ତି । ତାଙ୍କର ପୂର୍ବ ଅଭିଜ୍ଞତା ଏବଂ ଦଳକୁ ଉତ୍ତମ ରଣନୀତି ପ୍ରଦାନ କରିବାର କ୍ଷମତାକୁ ବିଚାରକୁ ନେଇ ଏହି ପରିମାଣ ସ୍ଥିର କରାଯାଇଛି । ଆଇପିଏଲ୍‌ରେ ମୁଖ୍ୟ ପ୍ରଶିକ୍ଷକଙ୍କ ଦରମା ଫ୍ରାଞ୍ଚାଇଜର ନୀତି ଏବଂ ପ୍ରଶିକ୍ଷକଙ୍କ ଅଭିଜ୍ଞତା ଉପରେ ଆଧାର କରି ସ୍ଥିର କରାଯାଏ ।

ଆଣ୍ଡି ଫ୍ଲାୱାର ଜଣେ ପୂର୍ବତନ ଜିମ୍ବାୱେ କ୍ରିକେଟର ଏବଂ ପ୍ରଶିକ୍ଷକ ସେ ବିଶ୍ୱର ସର୍ବୋତ୍ତମ ୱିକେଟକିପର-ବ୍ୟାଟସମ୍ୟାନଙ୍କ ମଧ୍ୟରୁ ଜଣେ ଏବଂ ଇଂଲଣ୍ଡ କ୍ରିକେଟ ଦଳର ପ୍ରଶିକ୍ଷକ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି ।

ଗତ କିଛି ବର୍ଷ ମଧ୍ୟରେ ଆରସିବି ଅନେକ ମୁଖ୍ୟ ପ୍ରଶିକ୍ଷକଙ୍କୁ ପରିବର୍ତ୍ତନ କରିଛି । ସାଇମନ କାଟିଚ (୨୦୨୦-୨୦୨୧) ପ୍ରତି ସିଜିନରେ ୪ କୋଟି ଟଙ୍କା ।

ଗ୍ୟାରି କର୍ଷ୍ଟେନ (୨୦୧୯) ପ୍ରତି ସିଜିନରେ ୫ କୋଟି ଟଙ୍କା ।

ଡାନିଏଲ ଭିଟୋରି (୨୦୧୪-୨୦୧୮) ପ୍ରତି ସିଜିନ ପାଇଁ ୩.୫ କୋଟି ଟଙ୍କା ।

ଖେଳାଳିମାନଙ୍କ ପରି ପ୍ରଶିକ୍ଷକମାନେ ମଧ୍ୟ ସମାନ ଦରମା ପାଆନ୍ତି କି ?

ଆଇପିଏଲ୍‌ରେ ମୁଖ୍ୟ ପ୍ରଶିକ୍ଷକଙ୍କ ଦରମା ସାଧାରଣତଃ ଶ୍ରେଷ୍ଠ ଖେଳାଳିଙ୍କ ଦରମା ଅପେକ୍ଷା କମ ଥାଏ । ଉଦାହରଣ ସ୍ୱରୂପ, ଆରସିବି ଅଧିନାୟକ ରଜତ ପତିଦାର ପ୍ରତି ସିଜନରେ ପ୍ରାୟ ୧୨ କୋଟି ଟଙ୍କା ପାଆନ୍ତି, ଯେତେବେଳେ ମୁଖ୍ୟ ପ୍ରଶିକ୍ଷକଙ୍କ ଦରମା ଏଥିରୁ କମ । ତଥାପି, ଦଳର ପ୍ରଦର୍ଶନକୁ ଉନ୍ନତ କରିବାରେ ତାଙ୍କର ଭୂମିକା ବହୁତ୍ୱ ଗୁରୁତ୍ୱପୂର୍ଣ୍ଣ ।

# ଆଇପିଏଲ ୨୦୨୫ : ଉଦ୍‌ଘାଟନୀ ମ୍ୟାଚ୍‌ରେ କୋଲକାତାକୁ ୭ ୱିକେଟ୍‌ରେ ହରାଇଲା ବେଙ୍ଗାଲୁରୁ

**କୋଲକାତା**

କୋଲକାତାର ଇଡେନ ଗାର୍ଡେନ୍ସଠାରେ ଆଜିଠାରୁ ଆରମ୍ଭ ହୋଇଛି ଆଇପିଏଲ ୨୦୨୫ । ଉଦଘାଟନୀ ମ୍ୟାଚରେ ହିଁ ଏହାର ରୋମାଞ୍ଚ ଦେଖିବାକୁ ମିଳିଛି । ପ୍ରଥମ ମ୍ୟାଚରେ କୋଲକାତା ନାଇଟରାଇଡର୍ସ (କେକେଆର)କୁ ୭ ୱିକେଟରେ ହରାଇ ଦେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) । ୧୭୫ ରନର ଲକ୍ଷ୍ୟକୁ ଦଳ ୧୬.୨ ଓଭରରେ ୧୭୭ ରନ କରି ହାସଲ କରିନେଇଥିଲା ।

ଆରସିବି ପକ୍ଷରୁ ଫିଲିପ ସଲ୍ଟ ୫୬ ରନ କରିଥିବାବେଳେ ବିରାଟ କୋହଲି ସର୍ବାଧିକ ୫୯ ରନ କରିଥିଲେ । ରଜତ ପଟିଦାର ୩୪ ଓ ଦେବଦତ୍ତ ପଡିକଲ୍ଲ ୧୦ ରନ କରିଥିଲେ ।



ଏହି ମ୍ୟାଚ୍‌ରେ ଆରସିବି ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା କେକେଆର ଧାର୍ଯ୍ୟ ୨୦ ଓଭରରେ କେକେଆର ୮ ୱିକେଟ ହରାଇ ୧୭୪ ରନ କରିଥିଲା । ଫଳରେ ଆରସିବି ପାଇଁ ବିଜୟ ଲକ୍ଷ୍ୟ ୧୭୫ ରନ ରହିଥିଲା । କେକେଆର ପକ୍ଷରୁ କ୍ୱି□ନ ଡି କକ ୪ ରନ କରିଥିବା ବେଳେ ସୁନିଲ ନାରିନ ୪୪ ରନ କରିଥିଲେ । ସେହିପରି ଆଜିଙ୍କ୍ୟ ରାହାଣେ ୫୬ ରନ୍, ଅଙ୍ଗକ୍ରିସ ରଘୁବଂଶୀ ୩୦ ରନ୍, ରିଙ୍କୁ ସିଂ ୧୨ ରନ କରିଥିଲେ । ସେହିପରି ଆରସିବି ପକ୍ଷରୁ ଜୋସ ହେଲଜ୍‌ଉଡ ୨ ୱିକେଟ ନେଇଥିବାବେଳେ କୁନାଲ ପାଣ୍ଡ୍ୟା ୩ ୱିକେଟ ନେଇଥିଲେ । ଯଶ ଯାଦବ, ରସିକ ଦାର ସାଲମ ଏବଂ ସୁୟାଶ ଶର୍ମା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

# ଆଇପିଏଲ-୨୦୨୫ ଉଦ୍‌ଘାଟି ଉତ୍ସବରେ ଶାହାରୁଖଙ୍କ ସହ ଝୁମିଲେ ବିରାଟ

**କୋଲକାତା**

କୋଲକାତାର ଇଡେନ ଗାର୍ଡେନରେ ୨୦୨୫ର ଉଦଘାଟନୀ ଉତ୍ସବ ଏକ ଚମତ୍କାର ଢଙ୍ଗରେ ଅନୁଷ୍ଠିତ ହୋଇଥିଲା । ବଲିଉଡ ସୁପରଷ୍ଟାର ଶାହରୁଖ ଖାନ, ଗାୟକ ଶ୍ରେୟା ଘୋଷାଲ ଏବଂ କରଣ ଔଜଲା ଏବଂ ବଲିଉଡ ଅଭିନେତ୍ରୀ ଦିଶା ପାଟନି କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି କାର୍ଯ୍ୟକ୍ରମରେ ଗ୍ଲାମର ବୃଦ୍ଧି କରିଥିଲେ । ଏହି ତାରକା ଖଚିତ କାର୍ଯ୍ୟକ୍ରମକୁ ଶାହରୁଖ ଖାନ ତାଙ୍କ ରାଜକୀୟ ଶୈଳୀରେ ଉଦଘାଟନ କରିଥିଲେ । ସେମାନଙ୍କ ପରେ, ଶ୍ରେୟା ଘୋଷାଲ ତାଙ୍କ ସୁମଧୁର କଣ୍ଠ ସ୍ୱରରେ କାର୍ଯ୍ୟକ୍ରମକୁ ଅଧିକ ସୁନ୍ଦର କରିଥିଲେ । ଯେତେବେଳେ ଦିଶା ପାଟନୀ ଏବଂ କରଣ ଔଜଲା ସେମାନଙ୍କର ଚମତ୍କାର ପ୍ରଦର୍ଶନ ସହିତ କାର୍ଯ୍ୟକ୍ରମକୁ ଅଧିକ ସୁନ୍ଦର କରିଥିଲେ ।



ଷ୍ଟାରମାନେ ସେମାନଙ୍କର ପ୍ରଦର୍ଶନ ସାରିବା ପରେ, ଶାହରୁଖ ଖାନ ପୁଣିଥରେ ମଞ୍ଚକୁ ଆଙ୍କର ଭାବରେ ଆସିଥିଲେ । ସେ ପୁଣି ଥରେ ବିରାଟ କୋହଲିଙ୍କୁ ମଞ୍ଚକୁ ଡାକିଥିଲେ । ବିରାଟ କୋହଲିଙ୍କ ବିଷୟରେ ଶାହରୁଖ କହିଛନ୍ତି ଯେ ସେ ଏକମାତ୍ର ଖେଳାଳି ଯିଏ ଆଇପିଏଲର ଆରମ୍ଭରୁ ଏପର୍ଯ୍ୟନ୍ତ ସମସ୍ତ ସିଜିନ ଖେଳିଛନ୍ତି ଏବଂ କେବଳ ଗୋଟିଏ ଦଳ ପାଇଁ ଖେଳିଛନ୍ତି । ଏହା ପରେ ଶାହରୁଖ ଖାନ ବିରାଟଙ୍କ ସହିତ ମଞ୍ଚ ଉପରେ ତାଙ୍କର ହିଟ ଗୀତ ଝୁମେ ଜୋ ପଠାନରେ ନାଚିଥିଲେ । ଉଭୟଙ୍କ ଏହି ନୃତ୍ୟ ଭିଡିଓ ଏହି ସମୟରେ ସୋସିଆଲ ମିଡିଆରେ ବହୁତ ଭାଇରାଲ ହେଉଛି ।

କେବଳ ଏତିକି ନୁହେଁ, ଏହା ପରେ ଶାହରୁଖଙ୍କୁ ରିଙ୍କୁ ସିଂହଙ୍କ ସହ ନାଚୁଥିବାର ମଧ୍ୟ ଦେଖାଯାଇଥିଲା । ସେ ରିଙ୍କୁଙ୍କ ସହିତ ଲୁଟ ପୁଟ ଗୟାରେ ନାଚିଥିଲେ ।

# ଅଶ୍ୱିନଙ୍କ ନାଁରେ ହେବ ରାସ୍ତା: ମିଳିଲା ଗ୍ରୀନ ସିଗ୍ନାଲ



**ଚେନ୍ନାଇ**

ଭାରତର କିମ୍ବଦନ୍ତୀ ସ୍ପିନ ବୋଲର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଗ୍ରେଟର ଚେନ୍ନାଇ କର୍ପୋରେସନ (ଜିସିସି) ଦ୍ୱାରା ସମ୍ମାନିତ କରାଯିବ । ଜିସିସି ସର୍ବସମ୍ମତି କ୍ରମେ ୱେଷ୍ଟ ମାମ୍ବାଲାମସ୍ଥିତ ରାମାକ୍ରୀଷ୍ଣପୁରମ ପ୍ରଥମ ଷ୍ଟ୍ରିଟର ନାମକୁ ଅଶ୍ୱିନଙ୍କ ନାମରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି, ଯେଉଁଠାରେ ଅଶ୍ୱିନ ରୁହନ୍ତି ।

ଏକ ଜାତୀୟ ଇଂଲିଶ ଖବରକାଗଜରେ ପ୍ରକାଶିତ ରିପୋର୍ଟ ମୁତାବକ, କ୍ୟାରମ ବଲ ଇଭେଣ୍ଟ ଓ ମାର୍କେଟିଂ ପ୍ରାଇଭେଟ ଲିମିଟେଡର ସିଇଓ ଏସ କାର୍ତ୍ତିକଙ୍କ ଅନୁରୋଧ କ୍ରମେ ରାସ୍ତାର ନାମ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି । ଅଶ୍ୱିନ ଭାରତ ଓ ତାମିଲନାଡୁ ପାଇଁ ଅନେକ ମ୍ୟାଚ ଖେଳିବା ସହ ଅନେକ ସମ୍ମାନ ପାଇଛନ୍ତି । ତାଙ୍କୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ବିବେଚନା କରାଯାଏ ବୋଲି ଜିସିସିର ପ୍ରସ୍ତାବରେ କୁହାଯାଇଛି । ଏହି ପ୍ରସ୍ତାବକୁ ସରକାରଙ୍କ ଅନୁମତି ମଧ୍ୟ ମିଳିସାରିଛି । ଗତ ବର୍ଷ ଡିସେମ୍ବରରେ ଅନ୍ତର୍ଜାତୀୟ ସ୍ତରରୁ ଅବସର ନେଇଥିବା ଅଶ୍ୱିନ ଆଇପିଏଲ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍କେ) ପକ୍ଷରୁ ପ୍ରତିନିଧିତ୍ୱ କରିବେ । ସେ ଭାରତ ପାଇଁ ୧୦୬ ଟେଷ୍ଟ (୫୩୭ ୱିକେଟ), ୧୧୬ ଦିନିକିଆ (୧୫୬ ୱିକେଟ) ଓ ୬୫ ଟି୨୦ (୭୨ ୱିକେଟ) ଖେଳିଛନ୍ତି ।

# ଧୋନିଙ୍କ ଶେଷ ଆଇପିଏଲ ! ୧୩ ସହରରେ ଖେଳାଯିବ ୭୪ ମ୍ୟାଚ୍



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ସଫଳତମ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ୨୦୨୦ରୁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ସାରିଥିଲେ ମଧ୍ୟ ବ୍ୟୟବହୁଳ କ୍ରିକେଟ ଲିଗ ଆଇପିଏଲରେ ଖେଳିବା ଜାରି ରଖିଛନ୍ତି । ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ସୁପରକିଙ୍ଗ୍ସ ୫ଥର ଆଇପିଏଲ ଟ୍ରଫି ଜିତିଛି । ୪୪ ବର୍ଷୀୟ ଧୋନି ଆଇପିଏଲରେ ଏବେ ସୁଦ୍ଧା ସର୍ବାଧିକ ୨୬୪ଟି ମ୍ୟାଚ ଖେଳିଛନ୍ତି । ଯେଉଁଥିରେ ୩୯୧୨ରନ କରିଛନ୍ତି । ୨୦୨୫ ତାଙ୍କର ଶେଷ ଆଇପିଏଲ ହେବା ନେଇ କ୍ରିକେଟ ପଣ୍ଡିତମାନେ ପୂର୍ବାନୁମାନ କରିଛନ୍ତି । ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ସୁପରକିଙ୍ଗ୍ସ ୨୦୧୦, ୨୦୧୧, ୨୦୧୮, ୨୦୨୧ ଓ ୨୦୨୩ରେ ଆଇପିଏଲ ଚମ୍ପିଆନ ହୋଇଛି । ଧୋନି ୨୦୦୮ରୁ ୨୦୧୫ ପର୍ଯ୍ୟନ୍ତ ଚେନ୍ନାଇ ସୁପରକିଙ୍ଗ୍ସ ପାଇଁ ଖେଳିଥିଲେ । ୨୦୧୬ ଓ ୨୦୧୭ରେ ଚେନ୍ନାଇ ସୁପରକିଙ୍ଗ୍ସ ଦୁଇବର୍ଷ ବାସନ୍ଦ ହେବା ଯୋଗୁ ଧୋନି ରାଇଜିଂ ସୁପରଜାଏଣ୍ଟ୍ସ ପାଇଁ ଖେଳିଥିଲେ । ଏହା ପରେ ୨୦୧୮ରୁ ନିୟମିତ ଭାବେ ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ଖେଳୁଛନ୍ତି । ୨୦୨୨ରେ ଧୋନି ଚେନ୍ନାଇ ସୁପରକିଙ୍ଗ୍ସ ଅଧିନାୟକ ପଦ ଛାଡ଼ିଥିଲେ । ତାଙ୍କ ସ୍ଥାନରେ ରବୀନ୍ଦ୍ର ଜାଡେଜା ଅଧିନାୟକ ଦାୟିତ୍ୱ ତୁଲାଇଥିଲେ । ଦଳ ଜାଡେଜାଙ୍କ ଅଧିନାୟକତ୍ୱରେ ଖରାପ ପ୍ରଦର୍ଶନ କରିବାରୁ ଅଧାରୁ ପୁଣି ଧୋନିଙ୍କୁ ନେତୃତ୍ୱ ଦିଆଯାଇଥିଲା । ୨୦୨୩ରେ ଧୋନିଙ୍କ ନେତୃତ୍ୱରେ ଦଳ ପଞ୍ଚମ ଥର ପାଇଁ ଆଇପିଏଲ ଟ୍ରଫି ବିଜୟୀ ହୋଇଥିଲା । ୨୦୨୪ରେ ଧୋନି ଚେନ୍ନାଇ ସୁପରକିଙ୍ଗ୍ସର ଅଧିନାୟକ ପଦକୁ ଛାଡ଼ିଥିଲେ ।

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ ଅର୍ଥାତ ୨୦୨୫ର ୧୮ତମ ସିଜିନ ଆଜିଠୁ ଆରମ୍ଭ ହୋଇଛି । ଏହି ସିଜିନର ପ୍ରଥମ ମ୍ୟାଚ ଡିଫେଣ୍ଡିଂ ଚମ୍ପିଅନ କୋଲକାତା ନାଇଟ ରାଇଡର୍ସ (କେକେଆର) ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ମଧ୍ୟରେ ଖେଳାଯାଇଥିଲା । ଫାଇନାଲ ମ୍ୟାଚ ମଇ ୨୫ରେ ଖେଳାଯିବ ।

ଆଇପିଏଲ ୨୦୨୫ରେ ମୋଟ ୭୪ଟି ମ୍ୟାଚ ଖେଳାଯିବ । ଲିଗ ପର୍ଯ୍ୟାୟରେ ୭୦ଟି ମ୍ୟାଚ ହେବ । ଲିଗ ପର୍ଯ୍ୟାୟରେ ସମସ୍ତ ୧୦ଟି ଦଳ ପ୍ରତ୍ୟେକ ୧୪ଟି ମ୍ୟାଚ ଖେଳିବେ । ଆଇପିଏଲ ୨୦୨୫ର ସମସ୍ତ ମ୍ୟାଚ ମୋଟ ୧୩ଟି ସହରରେ ଖେଳାଯିବ । ୨୦୨୫ର ଲକ୍ଷ୍ନୌ, ହାଇଦ୍ରାବାଦ, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ଅହମ୍ମଦାବାଦ, ବିଶାଖାପାଟଣା, ଗୌହାଟି, ବେଙ୍ଗାଲୁରୁ, ନ୍ୟୁ ଚଣ୍ଡିଗଡ଼, ଜୟପୁର, କୋଲକାତା ଏବଂ ଧର୍ମଶାଳାରେ ଖେଳାଯିବ ।

**୨୦୨୫ର ସମ୍ପୂର୍ଣ୍ଣ ସୂଚୀ**

ମାର୍ଚ୍ଚ ୨୩-ସନରାଇଜର୍ସ ହାଇଦ୍ରାବାଦ ବନାମ ରାଜସ୍ଥାନ ରୟାଲ୍ସ, ମାର୍ଚ୍ଚ ୨୩- ଚେନ୍ନାଇ ସୁପର କିଙ୍ଗ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ, ମାର୍ଚ୍ଚ ୨୪ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଲକ୍ଷ୍ନୌ ସୁପରଜିଆଣ୍ଟସ, ମାର୍ଚ୍ଚ ୨୫ ଗୁଜରାଟ ଟାଇଟାନ୍ସ ବନାମ ପଞ୍ଜାବ କିଙ୍ଗ୍ସ, ମାର୍ଚ୍ଚ ୨୬- ରାଜସ୍ଥାନ ରୟାଲ୍ସ ବନାମ କୋଲକାତା ନାଇଟ ରାଇଡର୍ସ, ମାର୍ଚ୍ଚ ୨୭- ସନରାଇଜର୍ସ ହାଇଦ୍ରାବାଦ ବନାମ ଲକ୍ଷ୍ନୌ ସୁପରଜାଏଣ୍ଟସ, ମାର୍ଚ୍ଚ ୨୮- ଚେନ୍ନାଇ ସୁପର କିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ମାର୍ଚ୍ଚ ୨୯- ଗୁଜରାଟ ଟାଇଟାନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ, ମାର୍ଚ୍ଚ ୩୦ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ, ମାର୍ଚ୍ଚ ୩୧ ରାଜସ୍ଥାନ ରୟାଲ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ, ମାର୍ଚ୍ଚ ୩୧ ମୁମ୍ବାଇ ଇଣ୍ଡିଆନ୍ସ ବନାମ କୋଲକାତା ନାଇଟ ରାଇଡର୍ସ, ଏପ୍ରିଲ ୧ ଲକ୍ଷ୍ନୌ ସୁପରଜାଏଣ୍ଟସ ବନାମ ପଞ୍ଜାବ କିଙ୍ଗ୍ସ, ୨ ଏପ୍ରିଲ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ଗୁଜରାଟ ଟାଇଟାନ୍ସ, ଏପ୍ରିଲ ୩ କୋଲକାତା ନାଇଟ ରାଇଡର୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ, ଏପ୍ରିଲ ୪ ଲକ୍ଷ୍ନୌ ସୁପରଜାଏଣ୍ଟସ ବନାମ ମୁମ୍ବାଇ ଇଣ୍ଡିଆନ୍ସ, ଏପ୍ରିଲ ୫ ଚେନ୍ନାଇ ସୁପର କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ, ଏପ୍ରିଲ ୫ ପଞ୍ଜାବ କିଙ୍ଗସ ବନାମ ରାଜସ୍ଥାନ ରୟାଲ୍ସ, ଏପ୍ରିଲ ୬ କୋଲକାତା ନାଇଟ ରାଇଡର୍ସ ବନାମ ଲକ୍ଷ୍ନୌ ସୁପରଜାଏଣ୍ଟସ, ଏପ୍ରିଲ ୬ ସନରାଇଜର୍ସ ହାଇଦ୍ରାବାଦ ବନାମ ଗୁଜରାଟ ଟାଇଟାନ୍ସ, ଏପ୍ରିଲ ୭ ମୁମ୍ବାଇ ଇଣ୍ଡିଆନ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଏପ୍ରିଲ ୮ ପଞ୍ଜାବ କିଙ୍ଗ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ, ଏପ୍ରିଲ ୯ ଗୁଜରାଟ ଟାଇଟାନ୍ସ ବନାମ ରାଜସ୍ଥାନ ରୟାଲ୍ସ, ଏପ୍ରିଲ ୧୦ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ଦିଲ୍ଲୀ କ୍ୟାପିଟାଲ୍ସ, ଏପ୍ରିଲ ୧୧ ଚେନ୍ନାଇ ସୁପର କିଙ୍ଗ୍ସ ବନାମ କୋଲକାତା ନାଇଟ ରାଇଡର୍ସ,



ଏପ୍ରିଲ ୧୨ ଲକ୍ଷ୍ନୌ ସୁପରଜିଆଣ୍ଟସ ବନାମ ଗୁଜରାଟ ଟାଇଟାନ୍ସ, ଏପ୍ରିଲ ୧୨ ସନରାଇଜର୍ସ ହାଇଦ୍ରାବାଦ ବନାମ ପଞ୍ଜାବ କିଙ୍ଗ୍ସ, ୧୩ ଏପ୍ରିଲ ରାଜସ୍ଥାନ ରୟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ୧୩ ଏପ୍ରିଲ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ, ଏପ୍ରିଲ ୧୪ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବନାମ ଚେନ୍ନାଇ ସୁପର କିଙ୍ଗସ, ୧୫ ଏପ୍ରିଲ ପଞ୍ଜାବ କିଙ୍ଗସ ବନାମ କୋଲକାତା ନାଇଟ ରାଇଡର୍ସ, ଏପ୍ରିଲ ୧୬ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରାଜସ୍ଥାନ ରୟାଲ୍ସ, ୧୭ ଏପ୍ରିଲ ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ, ୧୮ ଏପ୍ରିଲ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ପଞ୍ଜାବ କିଙ୍ଗ୍ସ, ୧୯ ଏପ୍ରିଲ ଗୁଜରାଟ ଟାଇଟାନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ, ଏପ୍ରିଲ ୧୯ ରାଜସ୍ଥାନ ରୟାଲ୍ସ ବନାମ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ, ଏପ୍ରିଲ ୨୦ ପଞ୍ଜାବ କିଙ୍ଗସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଏପ୍ରିଲ ୨୦ ମୁମ୍ବାଇ ଇଣ୍ଡିଆନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ, ଏପ୍ରିଲ ୨୧ କୋଲକାତା ନାଇଟ ରାଇଡର୍ସ ବନାମ ଗୁଜରାଟ ଟାଇଟାନ୍ସ, ୨୨ ଏପ୍ରିଲ ଲକ୍ଷ୍ନୌ ସୁପରଜିଆଣ୍ଟସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ, ୨୩ ଏପ୍ରିଲ ସନରାଇଜର୍ସ ହାଇଦ୍ରାବାଦ ବନାମ ମୁମ୍ବାଇ ଇଣ୍ଡିଆନ୍ସ, ୨୪ ଏପ୍ରିଲ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ରାଜସ୍ଥାନ ରୟାଲ୍ସ, ୨୫ ଏପ୍ରିଲ ଚେନ୍ନାଇ ସୁପର କିଙ୍ଗ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ, ୨୬ ଏପ୍ରିଲ କୋଲକାତା ନାଇଟ ରାଇଡର୍ସ ବନାମ ପଞ୍ଜାବ କିଙ୍ଗସ, ଏପ୍ରିଲ ୨୭ ମୁମ୍ବାଇ ଇଣ୍ଡିଆନ୍ସ ବନାମ ଲକ୍ଷ୍ନୌ ସୁପରଜିଆଣ୍ଟସ, ଏପ୍ରିଲ ୨୭- ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଏପ୍ରିଲ ୨୮- ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟାନ୍ସ, ଏପ୍ରିଲ ୨୯- ଦିଲ୍ଲୀ କ୍ୟାପିଟାଲ୍ସ ବନାମ କୋଲକାତା ନାଇଟ ରାଇଡର୍ସ, ଏପ୍ରିଲ ୩୦ ଚେନ୍ନାଇ ସୁପର କିଙ୍ଗ୍ସ ବନାମ ପଞ୍ଜାବ କିଙ୍ଗ୍ସ, ମେ ୧- ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ, ମେ ୨- ଗୁଜରାଟ ଟାଇଟାନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ, ମେ ୩- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ଚେନ୍ନାଇ ସୁପର କିଙ୍ଗ୍ସ, ମେ ୪- କୋଲକାତା ନାଇଟ ରାଇଡର୍ସ ବନାମ ରାଜସ୍ଥାନ ରୟାଲ୍ସ, ମେ ୪- ପଞ୍ଜାବ କିଙ୍ଗସ ବନାମ ଲକ୍ଷ୍ନୌ ସୁପରଜାଏଣ୍ଟସ, ମେ ୫- ସନରାଇଜର୍ସ ହାଇଦ୍ରାବାଦ ବନାମ ଦିଲ୍ଲୀ କ୍ୟାପିଟାଲ୍ସ, ମେ ୬- ମୁମ୍ବାଇ ଇଣ୍ଡିଆନ୍ସ ବନାମ ଗୁଜରାଟ ଟାଇଟାନ୍ସ, ମେ ୭- କୋଲକାତା ନାଇଟ ରାଇଡର୍ସ ବନାମ ଚେନ୍ନାଇ ସୁପର କିଙ୍ଗସ, ମେ ୮- ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ, ମେ ୯- ଲକ୍ଷ୍ନୌ ସୁପରଜିଆଣ୍ଟସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ମେ ୧୦- ସନରାଇଜର୍ସ ହାଇଦ୍ରାବାଦ ବନାମ କୋଲକାତା ନାଇଟ ରାଇଡର୍ସ, ମେ ୧୧ ପଞ୍ଜାବ କିଙ୍ଗ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ, ମେ ୧୧- ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଗୁଜରାଟ ଟାଇଟାନ୍ସ, ମେ ୧୨ ଚେନ୍ନାଇ ସୁପର କିଙ୍ଗ୍ସ ବନାମ ରାଜସ୍ଥାନ ରୟାଲ୍ସ, ମେ ୧୩- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ସନରାଇଜର୍ସ ହାଇଦ୍ରାବାଦ, ମେ ୧୪- ଗୁଜରାଟ ଟାଇଟାନ୍ସ ବନାମ ଲକ୍ଷ୍ନୌ ସୁପରଜାଏଣ୍ଟସ, ମେ ୧୫- ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ, ମେ ୧୬- ରାଜସ୍ଥାନ ରୟାଲ୍ସ ବନାମ ପଞ୍ଜାବ କିଙ୍ଗ୍ସ, ମେ ୧୭- ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ କୋଲକାତା ନାଇଟ ରାଇଡର୍ସ, ମେ ୧୮- ଗୁଜରାଟ ଟାଇଟାନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ, ମେ ୧୮- ଲକ୍ଷ୍ନୌ ସୁପରଜାଏଣ୍ଟସ ବନାମ ସନରାଇଜର୍ସ ହାଇଦ୍ରାବାଦ, ମେ ୨୦- କ୍ୱାଲିଫାୟର ୧, ମେ ୨୧- ଏଲିମିନେଟର, ମେ ୨୩- କ୍ୱାଲିଫାୟର ୨, ମେ ୨୫ ଫାଇନାଲ ।

# ଓଡ଼ିଶା ଏଫସିକୁ ୨-୧ରେ ହରାଇଲା ନିତା ଫୁଟବଲ ଏକାଡେମୀ




**ଗୁରୁଡିଝାଟିଆ**

ଇଣ୍ଡିଆନ ଓମେନ୍ସ ଫୁଟବଲ ଲିଗର ଏକ ମ୍ୟାଚରେ ନିତା ଫୁଟବଲ ଏକାଡେମୀ ୨-୧ ଗୋଲରେ ଓଡିଶା ଏଫସିକୁ ପରାସ୍ତ କରିଛି । ଭୁବନେଶ୍ୱର କ୍ୟାପିଟାଲ ଖେଳ ପଡିଆରେ ଅନୁଷ୍ଠିତ ଖେଳରେ ଓଡ଼ିଶା ଏଫସି ପ୍ରଥମ ଗୋଲ ଦେଇ ଅଗ୍ରଣୀ ହୋଇଥିଲା । ହେଲେ ଖେଳର ଦ୍ୱିତୀୟାର୍ଦ୍ଧରେ (ଆଠଗଡ, ରାଧାଦାମୋଦରପୁର) ନିତା ଫୁଟବଲ ଏକାଡେମୀ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିଲା । ଖେଳର ୭୦ ଓ ୭୫ ମିନିଟରେ ଦୁଇଟି ଗୋଲ ଦେଇ ଅଗ୍ରଣୀ ହୋଇଥିଲା । ଶେଷ ପର୍ଯ୍ୟନ୍ତ ନିତା ଫୁଟବଲ ଏକାଡେମୀ ଅଗ୍ରଣୀ ବଜାଇ ରଖିଥିଲା । ଫଳରେ ୨-୧ ବ୍ୟବଧାନରେ ନିତା ଫୁଟବଲ ଏକାଡେମୀ ଓଡିଶା ଏଫସିକୁ ହରାଇ ବିଜୟୀ ହୋଇଥିଲା ।

# ଓ.ପି ଜିନ୍ଦଲ ମେମୋରିଆଲ ଫୁଟବଲ ପ୍ରତିଯୋଗିତା : ସେରେଣ୍ଡା ଚମ୍ପିଆନ

**କେନ୍ଦୁଝରଗଡ଼: ନ୍ୟୁଜ୍ ବ୍ୟୁରୋ**

ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ ଆଇରନ ଏଣ୍ଡ ଡୋଲୋମାଇଟ ଖଣି ପାର୍ଶ୍ୱବର୍ତ୍ତୀ କାଶିଆ (କ) ଗ୍ରାମରେ ଚାଲିଥିବା ଓ.ପି ଜିନ୍ଦଲ ମେମୋରିଆଲ ଫୁଟବଲ ପ୍ରତିଯୋଗିତାରେ କାଶିଆ (ଖ) ଦଳକୁ ପେନାଲ୍ଟି ସୁଟଆଉଟରେ ହରାଇ ସେରେଣ୍ଡା ଦଳ ଚମ୍ପିଅନ ହୋଇଛି । ୩ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସେରେଣ୍ଡା ଓ ଉଦ୍ରାସାହି ପଞ୍ଚାୟତର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ବଡ଼ବିଲ ଏସଡିପିଓ ଡି.ଏନ ପିଙ୍ଗୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଚମ୍ପିଆନ ଟ୍ରଫି ପ୍ରଦାନ କରିଥିଲେ ।




# ଆଇପିଏଲ୍‌ର କଡ଼ା ନିୟମ, ପରିବାର ଲୋକ ପଶିପାରିବେନି

**ନୂଆଦିଲ୍ଲୀ**

ମାର୍ଚ୍ଚ ୨୨ ଅର୍ଥାତ ଶନିବାର ଠାରୁ ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆନ ପ୍ରିମିୟର ଲିଗ ବା ଆଇପିଏଲ୍ । ୩ ମାସ ଧରି ଜାରି ରହିବ । ଟକ୍କର କୋଲକାତାର ଇଡେନ ଗାର୍ଡେନରେ ଆଜି ଉଦଘାଟନୀ ମ୍ୟାଚ ଖେଳାଯିବ । ତେବେ ପ୍ରଥମ ମ୍ୟାଚରେ ମୁହାଁମୁହିଁ ହୋଇଛନ୍ତି ଡିଫେଣ୍ଡିଂ ଚମ୍ପିୟନ କୋଲକାତା ନାଇଟ ରାଇଡର୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ତେବେ ଏଥର ଆଇପିଏଲରେ ଖେଳାଳିଙ୍କ ପାଇଁ ନୂଆ ନିୟମ ଲାଗୁ କରିଛି ବିସିସିଆଇ ।

ଭାରତୀୟ ଦଳ ଉପରେ କିଛି ନୂଆ ନିୟମ ଲାଗୁ କରିଛି ବିସିସିଆଇ । ସମସ୍ତ ୧୦ଟି ଯାକ ଦଳ ପାଇଁ ଏସ୍‌ଓପି ଜାରି କରିଛି ବୋର୍ଡ । ମ୍ୟାଚ ସହ ଟ୍ରେନିଂ ବେଳେ ମଧ୍ୟ ଏହି ନିୟମ ଲାଗୁ ହେବ । ଏଥର ଆଇପିଏଲରେ କେବଳ ଅଧିକୃତ ବ୍ୟକ୍ତି ହିଁ ମଇଦାନ ଏବଂ ଡ୍ରେସିଂ ରୁମକୁ ଯାଇପାରିବେ । ଅନ୍ୟଥା ଖେଳାଳିଙ୍କ ପରିବାର ଲୋକେ କିମ୍ବା ସମ୍ପର୍କୀୟ ଭିତରକୁ ଯାଇପାରିବେ ନାହିଁ ।

କୌଣସି ଖେଳାଳି କିମ୍ବା ଦଳର ଅନ୍ୟ ସଦସ୍ୟଙ୍କ ପରିବାର ଲୋକେ କିମ୍ବା ସମ୍ପର୍କୀୟ ପଡିଆ ଭିତରକୁ କିମ୍ବା ଖେଳାଳିଙ୍କ ଡ୍ରେସିଂ ରୁମ ଭିତରକୁ ପ୍ରବେଶ କରିବାର ଅନୁମତି ନାହିଁ । କେବଳ ସେତିକି ନୁହେଁ ଅଭ୍ୟାସ କିମ୍ବା ଟ୍ରେନିଂ ବେଳେ ବି ନୋ ଏଣ୍ଟ୍ରି ନିୟମ ଲାଗୁ କରିଛି ବିସିସିଆଇ । ଏପରିକି ମ୍ୟାଚ ଶେଷ ହେବା ପରେ ବି ପରିବାର ଲୋକେ ସେଠାକୁ ଯିବେ ନାହିଁ କିମ୍ବା ଖେଳାଳିଙ୍କ ସହିତ ରହିବେନି ।

ଏହା ବ୍ୟତିତ ଖେଳାଳିମାନେ ନିଜ ହୋମ ଟାଉନରେ ଖେଳିବା ବେଳେ କିମ୍ବା ଅନ୍ୟ କୌଣସି ସ୍ଥାନରେ ଖେଳିବା ବେଳେ ବ୍ୟକ୍ତିଗତ ଗାଡି ବ୍ୟବହାର କରିପାରିବେ ନାହିଁ । ସମସ୍ତେ ଟିମ ପାଇଁ ଥିବା ଗାଡିରେ ଯିବାଆସିବା କରିବେ । ଏଥର ଆଇପିଏଲରେ ନିୟମ କଡାକଡି କରିଛି ବିସିସିଆଇ । ଯାହାକୁ କିଛି ଲୋକ ନାପସନ୍ଦ କରୁଥିବା ବେଳେ ଅନେକ ସ୍ୱାଗତ ବି କରିଛନ୍ତି । ସୋସିଆଲ ମିଡିଆରେ ବି ଏହାକୁ ନେଇ ପ୍ରତିକ୍ରିୟା ଦେବାକୁ ମିଳୁଛି ।

# ପ୍ରଖ୍ୟାତ ମୁଷ୍ଟିଯୋଦ୍ଧା ଜର୍ଜ ଫୋରମ୍ୟାନଙ୍କ ପରଲୋକ



**ୱାଶିଂଟନ**

ଆମେରିକାର ପ୍ରଖ୍ୟାତ ମୁଷ୍ଟିଯୋଦ୍ଧା ଜର୍ଜ ଫୋରମ୍ୟାନଙ୍କ ପରଲୋକ ଘଟିଛି । ଗତ ଶୁକ୍ରବାର ୭୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । ପରିବାର ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି ।

୧୯୬୮ ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଅନ୍ୟତମ ପ୍ରଖ୍ୟାତ ମୁଷ୍ଟିଯୋଦ୍ଧା ମହମ୍ମଦ ଅଲ୍ଲିଙ୍କ ସହିତ ମଧ୍ୟ ସେ ସାମ୍ନାସାମ୍ନି ହୋଇଛନ୍ତି । ମାତ୍ର ୧୯ ବର୍ଷ ବୟସରେ ହେଭିୱେଟ ବର୍ଗରେ ଫୋରମ୍ୟାନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । କିଙ୍ଗଷ୍ଟନ ଏବଂ ଜମାଇକାରେ ଚମ୍ପିଆନ ଜୋ ଫ୍ରେଜିଅରଙ୍କୁ ସାମ୍ନା କରିବା ପୂର୍ବରୁ ଫୋରମ୍ୟାନ ଲାଗାତର ୩୭ ମ୍ୟାଚ ଜିତି ବିରଳ ରେକର୍ଡ ସ୍ଥାପନ କରିଥିଲେ । ବକ୍ସିଂ ଜୀବନକାଳରେ ସେ ମୋଟ ୭୬ ମ୍ୟାଚରେ ବିଜୟୀ ହୋଇଥିବାବେଳେ ମାତ୍ର ୫ଟି ମ୍ୟାଚରେ ପରାଜୟ ବରଣ କରିଥିଲେ । ସେ ତାଙ୍କ ଶେଷ ମ୍ୟାଚ ୧୯୯୭ରେ ଖେଳିଥିଲେ ।

ଭୁବନେଶ୍ୱର
୨୩ ମାର୍ଚ୍ଚ,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ଶ୍ରୀମନ୍ଦିର ଭିତରକାଠରେ ପଡିଲା ରକ୍ତ ଛିଟା

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ, ୨୨/୦୩**
**ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଭିତରେ ପାଣିଆ ଆପଟ ଗରାରେ ମହାପ୍ରଭୁଙ୍କ ପାଇଁ ପାଣି ଆଣୁଥିବାବେଳେ ଗୋଡ ଖସିଯିବାରୁ ସେଠାରେ ସେ ପଡିଯାଇ ଆହତ ହୋଇଥିଲେ । ଆଘାତ ଯୋଗୁଁ ଚଟାଣରେ ରକ୍ତ ପଡିଥିଲା । ଗରାର ବନ୍ଧ ହାତରେ ପଶି ଯିବାରୁ ରକ୍ତ ପଡିବା ଯୋଗୁଁ ମହାପ୍ରଭୁଙ୍କୁ ବଡ ମହାସ୍ନାନ କରାଯାଇଥିଲା । ଏଥିପାଇଁ ନୀତିରେ ସାମାନ୍ୟ ବିଳମ୍ବ ଘଟିଥିଲା । ସେବକ କୃଷ୍ଣ ଚନ୍ଦ୍ର ଆପଟ ଆହତ ହୋଇଥିଲେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଆପୋଲୋ ହସପିଟାଲକୁ



ପଠାଯାଇ ଚିକିତ୍ସା ଚାଲୁ ରହିଛି । ସକାଳେ ଦ୍ୱାରଫିଟା ୫ଟା ୫୦, ଭିତରଶୋଧ ୬ଟା୨୫, ମଙ୍ଗଳ ଆଳତି ୬ଟା ୩୦, ମଇଲମ ୬ଟା ୩୫, ତଡ଼ପ ଲାଗି ୭ଟା, ଅବକାଶ ପୂଜା ୭ଟା ୨୦, ଅବକାଶ ପୂଜା ୭ଟା ୩୦, ଅବକାଶ ଶେଷ ୭ଟା ୫୦ରେ ସମ୍ପନ୍ନ ହୋଇଥିଲା । ପାଣିଆ ଆପଟ ସେବକ ପାଣି ନେବା ସମୟେ ପଡିଯିବାରୁ ଶ୍ରୀଜୀଉଙ୍କ ବଡ଼ ମହାସ୍ନାନ ହୋଇଥିଲା। ମଇଲମ ୮ଟା ୩୦, ଧୁଆଧୋଇ ହୋଇ ଚୂନ ପାଣି ପଡ଼ିଲା ୮ଟା ୪୦, ସିଂହାସନ ଧୁଆ ୮ଟା ୫୦, ମହାସ୍ନାନ ପୂଜା ୮ଟା ୫୫, ମହାସ୍ନାନ ପୂଜା ୯ଟା ୦୫ରେ ଶେଷ ହୋଇଥିଲା। ଶେଷରେ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ମହାସ୍ନାନ ସମୟରେ ସର୍ବସାଧାରଣ ଦର୍ଶନ କିଛି ସମୟ ଧରି ବନ୍ଦ ରହିଥିଲା। ସ୍ନାନ ସରିବା ପରେ ପୁନର୍ବାର ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିକାନ୍ତି ମଧ ଆଗକୁ ବଢ଼ିଥିଲା।



ତ୍ରିପୁରାର ଉଦୟପୁର ମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁ



ଭୁବନେଶ୍ୱର : ବିଶ୍ୱ ଜଳଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବୃକ୍ଷକୁଣ୍ଡରେ ଜଳଦାନ କରି ସମାରୋହର ଉଦ୍‌ଘାଟନ କରୁଛନ୍ତି। ନିକଟରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ : ସମ୍ବାଦ କଳିକା)

## ଭାରତ-ନିଉଜିଲାଣ୍ଡ ମଧ୍ୟରେ ଶୈକ୍ଷିକ ବିକାଶ

# ତୋଇ ଓହୋମାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ କିଟ୍ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର, ୨୨।୩**
**ନ୍ୟୁଜ ବ୍ୟୁରୋ**

ନିଉଜିଲାଣ୍ଡର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ନିଉଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟଫର ଲକ୍‌ସନ, ତେ ପୁକେଙ୍ଗା-ନିଉଜିଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍କିଲ୍‌ସ ଆଣ୍ଡ ଟେକ୍ନୋଲୋଜିର ମୁଖ୍ୟ କାର୍ଯ୍ୟନିର୍ବାହୀ ଗସ ଗିଲମୋର, ନିଉଜିଲାଣ୍ଡ ଟ୍ରେଡ୍ ଆଣ୍ଡ



ଏଣ୍ଟରପ୍ରାଇଜର କନସୁଲ ଜେନେରାଲ ଓ ଟ୍ରେଡ୍ କମିଶନର ଗ୍ରାହମ ରାଉଜ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ରିଲେସନ୍‌ସ ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ବୁଝାମଣା ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ, ମିଳିତ ଗବେଷଣା ଏବଂ ଅଧ୍ୟାପକ ବିନିମୟ ପାଇଁ ନୂତନ ପଥ ଖୋଲିବ, ଯାହା ଦ୍ୱାରା ଶୈକ୍ଷିକ ଉତ୍କର୍ଷତା ଏବଂ ବିଶ୍ୱସ୍ତରୀୟ ପରିଚିତି ବୃଦ୍ଧି ପାଇବ। ଏହା ସହିତ ଦକ୍ଷତା ବିକାଶ, ଏଆଇ ସମନ୍ୱୟ ଏବଂ ବୃତ୍ତିଗତ ଶିକ୍ଷା ଉପରେ ଭାରତର ଅଧିକ ଧ୍ୟାନ ସହ ଏହି ବୁଝାମଣା ଭବିଷ୍ୟତର କର୍ମଶକ୍ତି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ବୁଝାମଣା ସମୟରେ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ନିଶ୍ଚିତ ସାର୍ଥକ ଫଳାଫଳ ପ୍ରଦାନ କରିବ ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଛନ୍ତି। ସେହିପରି ନୂଆଦିଲ୍ଲୀଠାରେ ଅବସ୍ଥାପିତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍ କ୍ରିଷ୍ଣାମୂର୍ତ୍ତିଙ୍କ ସହ ଏକ ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳ କିଟ୍ ଓ କିସ୍ ପରିଦର୍ଶନ କରି ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଶିକ୍ଷା ଜରିଆରେ କରାଯାଇଥିବା ସାମାଜିକ ପରିବର୍ତ୍ତନର ପ୍ରଶଂସା କରିଥିଲେ।

# ଲାଞ୍ଚ ନେବା ବେଳେ ଭିଡ଼ିଓ ଭାଇରାଲ୍ ଯୋଗାଣ ନିରୀକ୍ଷକ କାର୍ଯ୍ୟରୁ ନିଲମ୍ବିତ



**ପାତ୍ରପୁର, ୨୨/୦୩**
**ନ୍ୟୁଜ ବ୍ୟୁରୋ**

ଲାଞ୍ଚ ନେଉଥିଲେ ଯୋଗାଣ ନିରୀକ୍ଷକ। ଭାଇରାଲ୍ ହେଲା ଭିଡିଓ। କାର୍ଯ୍ୟାନୁଷ୍ଠାନ ନେଲେ ରାଜ୍ୟ ସରକାର। ପାତ୍ରପୁର ଯୋଗାଣ ନିରୀକ୍ଷକ ବଳରାମ ଜେନାଙ୍କୁ କାର୍ଯ୍ୟରୁ ନିଲମ୍ବନ କଲେ ରାଜ୍ୟ ସରକାର। ସୂଚନାନୁଯାୟୀ, ପାତ୍ରପୁର ବ୍ଲକ ଗୁଡିପଦର ପଞ୍ଚାୟତ ବଳରାମପୁର ଗ୍ରାମର ପାଣ୍ଡୁରଙ୍ଗା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଠାରୁ ପିଡିଏସ୍ ଲାଇସେନ୍ସ ନବୀକରଣ ବାବଦକୁ ଯୋଗାଣ ନିରୀକ୍ଷକ ବଳରାମ ଜେନା ଲାଞ୍ଚ ନେଉଥିଲେ। ଏହି ଘଟଣା ବେଳର ଏକ ଭିଡିଓ ଭାଇରାଲ୍ ହୋଇଥିଲା। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ଘୂରିବୁଲିଥିଲା। ଏହାପରେ ବ୍ରହ୍ମପୁର ଉପଜିଲ୍ଲାପାଳ ଦିନା ଦସ୍ତାଗିରଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ଜିଲ୍ଲାପାଳ ସୁଭସ୍ମିତା ମିଶ୍ର, ଅତିରିକ୍ତ ଯୋଗାଣ ଅଧିକାରୀ ସକଳେଶ୍ୱର ଦାସ, ପାତ୍ରପୁର ବିଡିଓ ଲକ୍ଷ୍ମଣ ସୋରେନ ଏବଂ ପାତ୍ରପୁର ତହସିଲଦାର ବିଶ୍ୱରଞ୍ଜନ କହଁର ପ୍ରମୁଖଙ୍କୁ ନେଇ ଏକ ଚାରି ଜଣିଆ କମିଟି ଗଠନ କରାଯାଇଥିଲା। ଟିମ୍ ଘଟଣାର ତଦନ୍ତ କରି ଉପଜିଲ୍ଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ଉକ୍ତ ରିପୋର୍ଟ ଆଧାରରେ ବିବାଦୀୟ ଯୋଗାଣ ନିରୀକ୍ଷକଙ୍କୁ ନିଲମ୍ବିତ କରାଯାଇଛି ।

# କୁଆପଥର ମାଡରେ ଫାଟିଲା ୫୦ ମୁଣ୍ଡ

**ଭୁବନେଶ୍ୱର, ୨୨/୩**
**ନ୍ୟୁଜ ବ୍ୟୁରୋ**

ଆରମ୍ଭ ହୋଇନି ବୈଶାଖ...ତାଣ୍ଡବ ରଚୁଛି କାଳବୈଶାଖୀ । ପ୍ରକୃତିର କରାଳ ରୂପ ସବୁ କିଛି ଛାରଖାର କରିଦେଇଛି । କୁଆପଥର ସହ ବର୍ଷା। ପବନ ଭାଙ୍ଗିଛି ଲୋକଙ୍କ ମେରୁଦଣ୍ଡ। ଗତ କୋଡ଼ିଏରୁ ତିରିଶି ବର୍ଷ ଭିତରେ ଏମିତି ତାଣ୍ଡବ ଲୋକ ଦେଖିନଥିବା କହିଛନ୍ତି । ଅନେକ ଚାଳ ଛପର ସହ ଟାଇଲ ଆଜବେଷ୍ଟସ ଉଡିଯାଇଛି । ଆଉ ଲୋକମାନଙ୍କ ସ୍ଥିତି ଦୟନୀୟ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକର ମହୁଲବରେହି ଗାଁ । ଏଠି ସମସ୍ତଙ୍କ ଘରର ଅବସ୍ଥା ସମାନ । ଆଜବେଷ୍ଟସ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇପଡିଛି । ଠିକ୍ ରାତି ଆଠଟା ବେଳକୁ କାହିଁ କେଉଁଆଡୁ ପବନ ସହ ପ୍ରବଳ କୁଆପଥର ବର୍ଷା ଆସି ଏଠି ସବୁ କିଛି ଶେଷ



କରିଦେଇଛି । କୁଆପଥର ମାଡ଼ ଏତେ ଭୟଙ୍କର ଥିଲା ଯେ କୁହାଯାଉଛି ଗୋଟିଏ ଗୋଟିଏ କୁଆପଥର ପାଞ୍ଚ ଶହ ଗ୍ରାମ ଓଜନ ପର୍ଯ୍ୟନ୍ତ ଥିଲା । ମୟୂରଭଞ୍ଜ ଜିଲ୍ଲାର କେବଳ ବାଙ୍ଗିରପୋଷି ବ୍ଲକ ନୁହେଁ, କୁଳିଅଣା ଓ ସାରସକଣା ଆଦି ବ୍ଲକର କିଛି ଗାଁ ମଧ କ୍ଷତିଗ୍ରସ୍ତ ହୋଇଛି । ଏମିତିକି କୁଆପଥର ମାଡ଼ରେ ଲୋକେ ଆହତ ଓ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । କାହାର ମୁଣ୍ଡ ଫାଟିଛି ତ ପୁଣି କାହା ଶରୀରରେ ଲାଗିଛି ଗଭୀର ଆଘାତ । ଏମିତିକି ଶତାଧିକ ବାଇକ୍, କାର୍ ଆଦିର କାଚ ମଧ ଭାଙ୍ଗିରୁଜି ଚୁରମାର ହୋଇଯାଇଛି। ଏହି ଅଞ୍ଚଳ ଗୁଡ଼ିକରେ ପ୍ରାୟ ୫ଶହ ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ, ୫୦ରୁ ଅଧିକ ଲୋକଙ୍କର ମୁଣ୍ଡ ଫାଟିଥିବା ଜଣାପଡିଛି।

# କପିଳେଶ୍ୱର ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବିଧାୟକ ବାବୁ ସିଂ

**ଭୁବନେଶ୍ୱର, ୨୨/୩ ନ୍ୟୁଜ ବ୍ୟୁରୋ**

ଏକାମ୍ର ନିର୍ବାଚନ ମଣ୍ଡଳୀର ରାଧାରମଣ କଲୋନୀ - କୁମ୍ଭାର ସାହି ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ବାବୁ ସିଂ। ଦୀର୍ଘଦିନ ଧରି ସ୍ଥାନୀୟ ଜନସାଧାରଣ ଏହି ରାସ୍ତାର ନିର୍ମାଣ ପାଇଁ ଦାବି କରି ଆସୁଥିଲେ । ଏହି ରାସ୍ତା ପୁରୁଣା ଭୁବନେଶ୍ୱର, ସାମନ୍ତରାପୁର, ପୁରୀ ଯିବା ପାଇଁ ପ୍ରତିଦିନ ହଜାର ହଜାର ଲୋକ ଯିବା ଆସିବା କରନ୍ତି । ଏଥିପାଇଁ ପ୍ରତିଦିନ ଏହି ସ୍ଥାନରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୁଏ। ଏହି ରାସ୍ତା ହେବା ଦ୍ୱାରା ଗାଡ଼ି ଗୁଡ଼ିକ ଗୋଟିଏ ପଟେ ଯିବା ସହ ଅନ୍ୟ ପଟେ ଫେରିବେ। ଏହା ଦ୍ୱାରା ଆଉ ଟ୍ରାଫିକ ସମସ୍ୟା ଦେଖାଯିବ ନାହିଁ । ଏକାମ୍ର ବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ। ନିର୍ବାଚନୀ ପ୍ରତିଶ୍ରୁତିକୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି। ଅତୀତରେ ପୂର୍ବ ସରକାର ଅମଳରେ ରାଜନୈତିକ ଇଚ୍ଛା ଓ ଆନ୍ତରିକତା ଅଭାବ କାରଣରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡିକୁ ବାସ୍ତବ ରୂପ ମିଳି ପାରୁନଥିଲା ଏବଂ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶ ବାଧାପ୍ରାପ୍ତ ହେଉଥିଲା। ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି ବୋଲି ଶ୍ରୀ ସିଂ କହିଛନ୍ତି । ଏକାମ୍ର ନିର୍ବାଚନ ମଣ୍ଡଳୀର ବିକାଶକୁ ପ୍ରାଧାନ୍ୟ ଦିଆଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଏକାମ୍ର ବିଧାୟକ ବାବୁ ସିଂ ଏକାମ୍ର ବାସୀଙ୍କ ତରଫରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

## ବିଶ୍ୱ ଜଳ ଦିବସରେ ଜଳ ସଂରକ୍ଷଣ ପାଇଁ ପିଏମ ମୋଦିଙ୍କ ଆହ୍ୱାନ

**ନୂଆଦିଲ୍ଲୀ, ୨୨/୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବିଶ୍ୱ ଜଳ ଦିବସ ଅବସରରେ କହିଛନ୍ତି ଯେ, ଆଗାମୀ ପିଢି ପାଇଁ ପାଣି ସଂରକ୍ଷଣ ବହୁତ ଜରୁରୀ ଅଟେ । ସେ କହିଛନ୍ତି ଯେ, ଜଳ ସଭ୍ୟତାର ଜୀବନରେଖା ରହିଛି । ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ଜଳ ସଂରକ୍ଷଣ ପାଇଁ ଆହ୍ୱାନ ଦେଇ ଲେଖିଛନ୍ତି ଯେ, ବିଶ୍ୱ ଜଳ ଦିବସ ଅବସରରେ ଆମେ ଜଳ ସଂରକ୍ଷଣ ଓ ସର୍ବଦା ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆମ ପ୍ରତିବଦ୍ଧତାକୁ ଦୋହରାଉଛୁ । ଜଳ ସଭ୍ୟତାର ଜୀବନରେଖା ରହିଛି ଏବଂ ଭବିଷ୍ୟତ ପିଢି ପାଇଁ ଏହାକୁ ସଂରକ୍ଷିତ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ।

# ବିଧାନସଭାରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର, ୨୨/୦୩ ନ୍ୟୁଜ ବ୍ୟୁରୋ**

ବିଧାନସଭାରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଶୁକ୍ରବାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେବେନ୍ଦ୍ର ଶର୍ମାଙ୍କ ବିୟୋଗ ହୋଇଥିଲା । ଶନିବାର ତାଙ୍କ ମର ଶରୀରକୁ ବିଧାନସଭା ନିଆଯାଇଥିଲା। ସେଠାରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ସହ ଅନେକ ବିଧାୟକ ଏବଂ ପୂର୍ବତନ ବିଧାୟକ ତାଙ୍କର ଶେଷ ଦର୍ଶନ କରିଥିଲେ । ବିଧାନସଭାରେ ଗାର୍ଡ ଅଫ ଅନର ମଧ ପ୍ରଦାନ କରାଯାଇଥିଲା । ପରେ ଦେବେନ୍ଦ୍ର ଶର୍ମାଙ୍କ ପାର୍ଥିବ ଶରୀରକୁ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟକୁ ନିଆଯିବା ପରେ ସେଠାରେ କଂଗ୍ରେସ ନେତାମାନେ ଶେଷ ଦର୍ଶନ କରିଥିଲେ । ଦେବେନ୍ଦ୍ର ଶର୍ମା ଦୀର୍ଘ ଦିନ ଧରି କଂଗ୍ରେସ ଦଳ ସହ ରହିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା ।



ଭୁବନେଶ୍ୱର : ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏବଂ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ। (ଫଟୋ : ସମ୍ବାଦ କଳିକା)

# ଚାଳକଙ୍କୁ ଜରିମାନା ଅଡୁଆ: ଟଙ୍କା ଜମା ପରେ ବି କଟୁନି ଜରିମାନା

**ଭୁବନେଶ୍ୱର, ୨୨/୩ ନ୍ୟୁଜ ବ୍ୟୁରୋ**

କଟକର ରତିକାନ୍ତ ସ୍ୱାଇଁ ତାଙ୍କ ମିନି ଟ୍ରକ୍‌କୁ ସେ ବିକ୍ରି କରିଦେଥିଲେ। ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ( ଆରଟିଓ) ପାଖକୁ ଗଲାବେଳେ ଗାଡ଼ିର ବିଭିନ୍ନ ସମୟରେ ଆଇନ ଉଲ୍ଲଂଘନ ନେଇ ୧୦ ହଜାର ଟଙ୍କା ଜରିମାନା ଥିବା ଜଣାପଡ଼ିଥିଲା। ଭୁବନେଶ୍ୱର ଆରଟିଓରୁ ଜରିମାନା ଚାଲାଣ ହୋଇଥିବାରୁ ସେ ଭୁବନେଶ୍ୱର ପହଞ୍ଚିଲେ। ସେଠାରେ ଜାଣିଲେ ମାମଲା କୋର୍ଟରେ ପହଞ୍ଚିଛି। ଏସ୍‌ଡିଜେଏମ୍ କୋର୍ଟରେ ପହଞ୍ଚି ଜରିମାନା ଜମା କଲେ। ସପ୍ତାହେ ମଧ୍ୟରେ ଏହି ଜରିମାନା ଅର୍ଥ ଶୂନ ହୋଇଯିବ ବୋଲି କୁହାଯାଇଥିଲା। ଏ ନେଇ ତାଙ୍କୁ ଏକ ରସିଦ୍ ମିଳିଥିଲା। କିନ୍ତୁ ସପ୍ତାହ ପରେ ଏହି ଜରିମାନା କଟି ନଥିବାରୁ ସେ ପୁଣି କୋର୍ଟରେ ପହଞ୍ଚିଥିଲେ। ସେଠାରେ ଜାଣିଥିଲେ ଯେ କୋର୍ଟ ପକ୍ଷରୁ ଆରଟିଓଙ୍କୁ ଏ ବାବଦରେ ମେଲ୍ କରିଦିଆଯାଇଛି। ସେଠାରୁ ସେ ଆରଟିଓ ପହଞ୍ଚିଥିଲେ। ସେଠାରେ ଜାଣିଥିଲେ ଯେ ଆରଟିଓଙ୍କୁ କୋର୍ଟରୁ କୌଣସି ସୂଚନା ଆସିନାହିଁ। ଏମିତି ସେ ଏକାଧିକ



ବାର୍ କୋର୍ଟରୁ ଆରଟିଓ ଦଉଡ଼ିଥିଲେ। କେବଳ ରତିକାନ୍ତ ନୁହନ୍ତି, ଆଉ ଜଣେ ଗାଡ଼ିମାଲିକ ରାଜେଶ ବେହେରା ମଧ ଏଭଳି ବାରଦୁଆର ହେଉଥିଲେ। ସେ ଗତ ନଭେମ୍ବର ମାସରେ ଜରିମାନା ଅର୍ଥ ଜମା କରିସାରିଥିଲେ ମଧ ଆଜି ପର୍ଯ୍ୟନ୍ତ ଜରିମାନା ସେମିତି ଗଡୁଛି। ପ୍ରତ୍ୟେକ ଦିନ ଏକାଧିକ ଗାଡ଼ିମାଲିକ କୋର୍ଟ-ଆରଟିଓ ଚକ୍କର କାଟୁଛନ୍ତି। ପରିବହନ ଆଇନକୁ କଡ଼ାକଡ଼ି କରାଯାଇଛି। ଏ ନେଇ ଗଠିତ ସୁପ୍ରିମ୍‌କୋର୍ଟ କମିଟି ମଧ ଏହି ବ୍ୟବସ୍ଥାକୁ ଗୋଡ଼େଗୋଡ଼େ ଜଗିଛନ୍ତି। ସରକାରଙ୍କୁ ନିୟମିତ ତାଗିଦ କରିବା ସହ ସଡ଼କ ଦୁର୍ଘଟଣା କେମିତି କମିବ ସେନେଇ ନିର୍ଦ୍ଦେଶନାମା ଜାରି କରୁଛନ୍ତି। ପୂର୍ବରୁ ଆରଟିଓ ଓ ପୁଲିସ କର୍ମଚାରୀ ରାସ୍ତା ଉପରେ ଛିଡ଼ା ହୋଇ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଉଥିବା ବେଳେ ଏବେ ରାସ୍ତାରେ ଏହି ଉଲ୍ଲଂଘନକାରୀଙ୍କୁ କ୍ୟାମେରା ଜଗିଛି। ଧାର୍ଯ୍ୟ ବେଗରୁ ଅଧିକ ବେଗରେ ଗଲେ କିମ୍ବା କୌଣସି ନିୟମ ଉଲ୍ଲଂଘନ କଲେ କ୍ୟାମେରା ଗାଡ଼ି ନମ୍ବର ଜରିଆରେ ମାଲିକଙ୍କୁ ଚାଲାଣ ପଠାଉଛି। ଜରିମାନା ଚାଲାଣ କଟିବାର ୯୦ ଦିନ ମଧ୍ୟରେ ଯଦି ଜରିମାନା ଦାଖଲ ନହୁଏ ତେବେ ଏହା କୋର୍ଟକୁ ସ୍ଥାନାନ୍ତର ହୋଇଥାଏ। ପରେ ଗାଡ଼ିମାଲିକ କୋର୍ଟରେ ଜରିମାନା ଦାଖଲ କରେ। ଜମା ହେବା ପରେ କୋର୍ଟ ଏକ ମେଲ୍ ଜରିଆରେ ସଂପୃକ୍ତ ଆରଟିଓଙ୍କୁ ଅବଗତ କରାନ୍ତି। ଆରଟିଓ ଜରିମାନା କାଟିବା ପରେ ଗାଡ଼ିଟି ବିବାଦମୁକ୍ତ ହୋଇଥାଏ। କିନ୍ତୁ କୋର୍ଟରେ ଜମା ହେବା ପରେ ମଧ ଜରିମାନା କଟୁ ନଥିବାରୁ ମାଲିକ ଫସି ରହୁଛନ୍ତି। ଏନେଇ ଆଇନଜୀବୀ ଫାଲଗୁନି ପ୍ରସାଦ ନାୟକ କହିଛନ୍ତି ଯେ କୋର୍ଟରେ ଜରିମାନା ଅର୍ଥ ଜମା କରାଯିବ। କିନ୍ତୁ ଏହାକୁ ଅପ୍‌ଡେଟ୍ କରିବେ ଆରଟିଓ। ଭୁବନେଶ୍ୱର କୋର୍ଟକୁ ଦୈନିକ ଶହ ଶହ ସଂଖ୍ୟାରେ ଗାଡ଼ିମାଲିକ ଜରିମାନା ଅର୍ଥ ଜମା କରିବାକୁ ଆସୁଛନ୍ତି। କୋର୍ଟରୁ ଆରଟିଓଙ୍କୁ ମେଲ ଯାଉଛି। ଆରଟିଓ ମେଲ୍ ଯାଞ୍ଚ କରୁନାହାନ୍ତି। ଫଳରେ ଜରିମାନା ବିବରଣୀ ଅପ୍‌ଡେଟ୍ ହୋଇପାରୁ ନାହିଁ। ଫଳରେ କିଛି ଲୋକଙ୍କର ଫାଇନ ଟଙ୍କା ଡିପୋଜିଟ ପରେ ମଧ ଫାଇନ କଟୁ ନାହିଁ। ତେଣୁ ଯେଉଁଠି ଫାଇନ ଟଙ୍କା ଡିପୋଜିଟ୍ ହେଉଛି, ସେହିଠାରେ ଫାଇନ କାଟିବାର ବ୍ୟବସ୍ଥା କରାଗଲେ ଏଭଳି ଅସୁବିଧା ହେବ ନାହିଁ। ଏନେଇ ଆରଟିଓ କହିଛନ୍ତି ଯେ ଏଭଳି କାଁ ଭାଁ କାହାର ରହିଯାଉଥିବ। କିନ୍ତୁ କୋର୍ଟରୁ ଯାହାର ବି ମେଲ୍‌ରେ କିମ୍ବା ହ୍ୱାଟସଆପରେ ଜରିମାନା ଜମା ହୋଇଯାଇଥିବା ଆସୁଛି, ସେହି ମେଲ ଅନୁସାରେ ଏହାକୁ ଅପ୍‌ଡେଟ୍ କରିଦିଆଯାଉଛି। ଏଥିପାଇଁ ଜଣେ ସ୍ୱତନ୍ତ୍ର କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

# ଗ୍ରାମ୍ୟଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀଙ୍କୁ ଭିଜିଲାନ୍ସ ଧରିଲା: ବିପୁଳ ସମ୍ପତ୍ତି ଠାବ

**ଧର୍ମଶାଳା, ୨୨/୩ ନ୍ୟୁଜ ବ୍ୟୁରୋ**

ଜାରକାଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନସ୍ଥ କୁଆଖିଆ କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣାଙ୍କୁ ଟାଙ୍ଗୀ ଟୋଲ୍ ଗେଟ୍ ନିକଟରୁ ଭିଜିଲାନ୍ସ ବିଭାଗର ଏକ ଟିମ୍ ନଗଦ ଟଙ୍କା ସହିତ ଗିରଫ କରିବା ପରେ କୁଆଖିଆ ସ୍ଥିତ କାର୍ଯ୍ୟାଳୟ ଓ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଠାରେ ଥିବା ନିଜଘର ଏକସଙ୍ଗରେ ଭିଜିଲାନ୍ସ ଟିମ୍ ଚଢଉ ଜାରିରଖିଛି। ସୂଚନା ଅନୁଯାୟୀ ଶ୍ରୀ ମହାରଣା ନିଜ କାର୍‌ରେ ଯାଉଥିବା ସମୟରେ ୧୬ନଂ ଜାତୀୟ ରାଜପଥର ଟାଙ୍ଗି ଟୋଲଗେଟ୍ ନିକଟରେ ଆଗରୁ ଅପେକ୍ଷା କରିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ତାଙ୍କ ଗାଡିରୁ ୨ଲକ୍ଷ ୩୦ହଜାର ଟଙ୍କା ବାହାରିଥିଲା ଯାହାର ସନ୍ତୋଷ ଜନକ ଉତ୍ତର ସେ ଦେଇପାରିନଥିଲେ। ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବାବେଳେ ଶନିବାର ତାଙ୍କ ବାଲିଅନ୍ତା ଘର ଓ କୁଆଖିଆ କାର୍ଯ୍ୟାଳୟରେ ଚଢ଼ଉ କରାଯାଇଥିଲା। ଭିଜିଲାନ୍ସ ତାଙ୍କର ସମସ୍ତ ସମ୍ପତ୍ତିର ଆକଳନ କରିଛି। ଭୀମସେନ ୨୦୦୯ ମସିହାରୁ ଚାକିରୀ ଆରମ୍ଭ କରି ୨୦୧୮ ମସିହାରୁ ରେଗୁଲାର ହୋଇଥିଲେ। ଏହି ଚାକିରୀ ସମୟରେ ସେ ବିପୁଳ ସମ୍ପତିର ଅଧିକାରୀ ହୋଇପାରିଛନ୍ତି। ତାଙ୍କ ସମ୍ପର୍କରେ ଯାଜପୁର ଜିଲ୍ଲା ଭିଜିଲାନ୍ସ ନିକଟରେ ଅଭିଯୋଗ ହେବାରୁ ବିଭାଗ ପକ୍ଷରୁ ଏହି ଚଢଉ ହୋଇଥିବା ପ୍ରକାଶ।